


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୭୯ ● ୨୬ ଜୁଲାଇ ୨୦୨୪, ଶୁକ୍ରବାର ● ଭୁବନେଶ୍ୱର ● Vol -31 ● Issue-179 ● 26th July 2024, Friday ● Bhubaneswar

Licensed to post without pre-payment of postage No- BN-60/22-24




# ୨.୬୫ ଲକ୍ଷ କୋଟିର ବଜେଟ୍ ଉପସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୫।୭ : ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ବିଧାନସଭାରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମୋଟ ୨ ଲକ୍ଷ ୬୫ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି। ଏଥରର ବଜେଟ୍ ପରିମାଣ ୨୦୨୩-୨୪ ତୁଳନାରେ ୧୫% ଅଧିକ । ଗତବର୍ଷ ବଜେଟ୍ ପରିମାଣ ୨ ଲକ୍ଷ ୩୦ ହଜାର କୋଟି ଟଙ୍କା ଥିଲା। ସେହିପରି ଗତବର୍ଷ କୃଷି ବଜେଟ ୨୪,୮୨୯ କୋଟି ଟଙ୍କା ରହିଥିଲା ବେଳେ ଚଳିତ ବର୍ଷ କୃଷି ବଜେଟ ପରିମାଣ ୩୩,୯୧୯ କୋଟିକୁ ବୃଦ୍ଧି କରାଯାଇଛି।

ଏ ବର୍ଷର ବଜେଟ୍‌ରେ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧ ଲକ୍ଷ ୫୫ ହଜାର କୋଟି, ପ୍ରଶାସନିକ ବ୍ୟୟ ପାଇଁ ୯୭ ହଜାର ୭୨୫ କୋଟି, ବିପର୍ଯ୍ୟୟ ପ୍ରଶମନ ପରିଚାଳନା ପାଣ୍ଠି ପାଇଁ ବ୍ୟୟ ବରାଦ ର ପରିମାଣ ୩,୯୦୦ କୋଟି, ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ୮୩୭୫ କୋଟି ଏହିପରି ସମୁଦାୟ ୨୬୫୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ୨୦୨୪-୨୫ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ ଗୃହରେ ଉପସ୍ଥାପନ କରିବାର ସୁଯୋଗ ମିଳିଥିବାରୁ ନିଜକୁ ଧନ୍ୟ ମନେ କରୁଛି। ସେ କହିଥିଲେ ଏହି ବଜେଟ୍‌ରେ ଗରିବ, ମହିଳା, ଯୁବ ବର୍ଗ ତଥା ଅନ୍ନଦାତାଙ୍କ ସର୍ବାଙ୍ଗୀନ ବିକାଶ ସହିତ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ବଜେଟ୍‌ରେ ୧୯ଟି ନୂଆ ପଦକ୍ଷେପ ବା କାର୍ଯ୍ୟକ୍ରମ କରିବା ପାଇଁ ଅର୍ଥ ବ୍ୟବସ୍ଥା ହୋଇଛି। ମହିଳା ଶସକ୍ତିକରଣ, ଆର୍ଥିକ ସ୍ୱାଧୀନତା ଏବଂ ଉଦ୍ୟୋଗ ବିକାଶ ନିମନ୍ତେ ସୁଭଦ୍ରା ଯୋଜନା ନାମରେ ନୂଆ ଯୋଜନା ପାଇଁ ୧୦ ହଜାର କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ସମୃଦ୍ଧ କୃଷକ ଯୋଜନା ପାଇଁ ୫ ହଜାର କୋଟିର ବ୍ୟୟବରାଦ କରାଯାଇଛି। ଏହା ଅଧୀନରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦରରେ ଧାନ କିଣିବା ପାଇଁ ପଦକ୍ଷେପ ନିଆଯିବ। ସେହିପରି ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ କର୍ପସ ପାଣ୍ଠି ବାବଦରେ ୫୦୦ କୋଟି, ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର ପାଇଁ କର୍ପସ ପାଣ୍ଠି ବାବଦରେ ୨୦୦ କୋଟି। ଡ୍ରପ୍ ଆଉଟ୍ ରୋକିବା ପାଇଁ ମାଧୋସିଂ ହାତଖର୍ଚ୍ଚ ଯୋଜନା ବାବଦରେ ୧୫୬ କୋଟି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିମନ୍ତେ ୫୦ କୋଟି, ଶିଳ୍ପ ସହରାଞ୍ଚଳରେ ଶ୍ରମିକ ହଷ୍ଟେଲ ପାଇଁ ଦୀନଦୟାଲ କର୍ମଚାରୀ ନିବାସ ଯୋଜନାରେ ୫୦ କୋଟି, କର୍କଟ ରୋଗୀଙ୍କ ସହାୟକମାନଙ୍କ ରହିବା ପାଇଁ ଧର୍ମଶାଳା ନିର୍ମାଣ ଲାଗି ୧୮ କୋଟି, ମେଡିକାଲ କଲେଜ ହସ୍ପିଟାଲଗୁଡିକ ନିମନ୍ତେ କର୍ପସ ପାଣ୍ଠି ବାବଦରେ ୨୦୦ କୋଟି, ଶିଶୁ କର୍କଟ ସୁବିଧା ପ୍ରତିଷ୍ଠା ପାଇଁ ୨୫ କୋଟି, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ପାଇଁ ରାଜ୍ୟ ସହାୟତା ଅଧୀନରେ ୧୦୦ କୋଟି, ସମ୍ବଲପୁର ଓ କଟକ ସହରର ମହାନଦୀ କୂଳବର୍ତ୍ତୀ ଅଞ୍ଚଳକୁ ବିଶ୍ୱସ୍ତରୀୟ ରିଭର ଫ୍ରଣ୍ଟ ପ୍ରକଳ୍ପରେ ପରିଣତ କରିବା ପାଇଁ ୫୦ କୋଟି। ୧୦୦ ବର୍ଷରୁ ଅଧିକ ପୁରୁଣା ବିଦ୍ୟାଳୟର ରକ୍ଷଣାବେକ୍ଷଣ ପାଇଁ ଐତିହ୍ୟ ସ୍କୁଲ ବିକାଶ ଯୋଜନାରେ ୧ କୋଟି, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା କାର୍ଯ୍ୟକାରିତା ପାଇଁ ୫୦୦ କୋଟି। ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ୯୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ପିଏମ୍‌ଶ୍ରୀ କାର୍ଯ୍ୟକାରୀ କରିବା ପାଇଁ ୨୫ କୋଟି ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ୧୯୩୫ କୋଟି, ଶ୍ରୀ ଅନ୍ନ ଅଭିଯାନ ପାଇଁ ୬୪୯ କୋଟିର ବ୍ୟବସ୍ଥା ହୋଇଛି।

## କେଉଁ ବିଭାଗକୁ କେତେ

**ଭୁବନେଶ୍ୱର, ୨୫।୭ : ନ୍ୟୁଜ୍ ବ୍ୟୁରୋ**

୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ବିଧାନସଭାରେ ଉପସ୍ଥାପିତ ୨ଲକ୍ଷ ୬୫ ହଜାର କୋଟି ଟଙ୍କାର ବାର୍ଷିକ ବଜେଟ୍‌ରେ ଅଭିବୃଦ୍ଧି, ବିକାଶ, ଭିତ୍ତିଭୂମି ଉନ୍ନୟନ ଓ ପୁଞ୍ଜିନିବେଶ ଉପରେ ଗୁରୁତ୍ୱାରୋପ କରାଯାଇଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ ବଜେଟ୍‌ରେ ସ୍ୱରାଷ୍ଟ୍ର ବିଭାଗକୁ ସର୍ବମୋଟ ୮,୯୯୪କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ୭୩୨ କୋଟି ଦିଆଯାଇଛି। ସେହିପରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ୧,୭୬୯ କୋଟି, ଆଇନ୍ ବିଭାଗକୁ ୧,୫୯୦ କୋଟି, ଅର୍ଥ ବିଭାଗକୁ ୫୯,୩୧୨ କୋଟି, ବାଣିଜ୍ୟ ବିଭାଗକୁ ୨୦୩କୋଟି, ନିର୍ମାଣ ବିଭାଗକୁ୧୦,୭୫୦କୋଟି ବ୍ୟୟବରାଦ କରାଯାଇଛି। ସେହିପରି ଓଡ଼ିଶା ବିଧାନସଭା ପାଇଁ ୮୬କୋଟି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ୧,୩୦୮କୋଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ୨୬,୩୯୧ କୋଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗକୁ ୫,୭୫୦କୋଟି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ୨୦,୮୩୭ କୋଟି, ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗକୁ ୯,୬୦୩ କୋଟି, ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗକୁ ୩୧୮ କୋଟି, କ୍ରୀଡ଼ା ଓ ଯୁବସେବା ବିଭାଗ ପାଇଁ ୧,୩୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଯୋଜନା ଓ ସଂଯୋଜନା ବିଭାଗକୁ ୨,୦୧୮ କୋଟି, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ୨୬,୪୬୬ କୋଟି, ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନ ବିଭାଗକୁ ୩ କୋଟି, ଶିଳ୍ପ ବିଭାଗକୁ ୮୦୮ କୋଟି, ଜଳ ସମ୍ପଦ ବିଭାଗକୁ ୧୩,୨୭୨ କୋଟି, ପରିବହନ ବିଭାଗକୁ ୩,୭୪୨ କୋଟି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ୧,୪୧୮ କୋଟି, କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ୧୨,୯୨୯କୋଟି, ଇସ୍ପାତ ଓ ଖଣି ବିଭାଗକୁ ୪୫୬ କୋଟି, ସୂଚନା ଓ ଲୋକସମ୍ପର୍କ ବିଭାଗକୁ ୧୫୬ କୋଟି, ଅବକାରୀ ବିଭାଗକୁ ୨୪୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ବିଜ୍ଞାନ ଓ ବୈଷୟିକ ବିଭାଗ ପାଇଁ ୧୨୨ କୋଟି, ଗ୍ରାମ୍ୟ ଉନ୍ନୟନ ବିଭାଗ *(ପୃଷ୍ଠା ୭ରେ)*

# ଓଡ଼ିଶାର ଋଣ ଭାର ୯୬ ହଜାର ୩୧୦ କୋଟି



**ଭୁବନେଶ୍ୱର, ୨୫।୭ : ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଋଣ ଭାର ୨୦୨୩-୨୪ ଆର୍ଥିକ ବର୍ଷ ସୁଦ୍ଧା ୯୬ ହଜାର ୩୧୦ କୋଟିରେ ପହଞ୍ଚିଛି। ରାଜ୍ୟରେ ମୁଣ୍ଡପିଛା ଋଣ ଭାର ୨୦୭୩୬ ଟଙ୍କା ରହିଛି। ଗୁରୁବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବା ପରେ ବିଧାନସଭା ସମ୍ମିଳନୀ କକ୍ଷରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ସିଏଜିଙ୍କ ସମୀକ୍ଷା ରିପୋର୍ଟ ଅନୁସାରେ ଏଫ୍‌ଆରବିଏମ୍ ଆକ୍ଟ ମୁତାବକ ରାଜ୍ୟର ଋଣ ସଂଗ୍ରହ ୧୨ ପ୍ରତିଶତରେ ସୀମିତ ରଖାଯାଇଛି।

ଅର୍ଥମନ୍ତ୍ରୀ କହିଛନ୍ତି ଯେ, ସରକାରଙ୍କ ଇଚ୍ଛାଶକ୍ତି ଥିଲେ ସମସ୍ତ ସମ୍ବଳର ଯଥାର୍ଥ ବିନିଯୋଗ କରାଯାଇ ନୂଆ ଯୋଜନା ଗୁଡିକ କାର୍ଯ୍ୟକାରୀ କରିବାରେ କୌଣସି ଅସୁବିଧା ବା ପ୍ରତିବନ୍ଧକ ସୃଷ୍ଟି ହେବ ନାହିଁ। ଖଣି କ୍ଷେତ୍ରରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୨,୫୬୭ କୋଟି ଟଙ୍କା ଆଦାୟ ହୋଇପାରିଛି। ଯାହାକି ପୂର୍ବ ବର୍ଷ ତୁଳନାରେ ୨୯ ପ୍ରତିଶତ ଅଧିକ। ପୂର୍ବରୁ ସରକାର ଓଡ଼ିଶାରେ ଖଣିଗୁଡ଼ିକୁ ଶାଗମାଛ ଦରରେ ଦେଇଦେଉଥିଲେ। ପ୍ରଧାନମନ୍ତ୍ରୀ ଏମ୍‌ଏମ୍‌ଡିଆର ଆକ୍ଟ ସଂଶୋଧନ କରିବା ପରେ ଓଡ଼ିଶାରେ ଖଣିଗୁଡିକ ନିଲାମ ପ୍ରକ୍ରିୟାରେ ଆବଣ୍ଟନ କରାଯାଉଛି। ଯାହା ଫଳରେ ଓଡ଼ିଶାକୁ ଅଧିକ ପରିମାଣର ଅର୍ଥ ଆସିବାର ବାଟ ଫିଟିଛି। ଖଣି ଆଦାୟ ରାଜସ୍ୱ ବୃଦ୍ଧି ସାଙ୍ଗକୁ ଖଣି ନିଲାମ ପ୍ରକ୍ରିୟାର ଯଥାର୍ଥ ପରିଚାଳନା କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହା ଫଳରେ ଓଡ଼ିଶାକୁ ଅଧିକ ଖଣି ରାଜସ୍ୱ ମିଳିପାରିବ ଏବଂ ଏହା ଦ୍ୱାରା ନୂଆ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିଲା ନୂଆ ଯୋଜନା ଗୁଡିକର କାର୍ଯ୍ୟକାରିତା କ୍ଷେତ୍ରରେ ଅର୍ଥ କୌଣସି ପ୍ରକାର ବାଧକ ହେବ ନାହିଁ ବୋଲି ଶ୍ରୀ ମାଝୀ କହିଥିଲେ। ଏହା ସହିତ ରାଜ୍ୟରେ ନୂଆ ପଦବୀ ସୃଷ୍ଟି, ଖାଲି ପଡିଥିବା ପଦବୀ ପୂରଣ, ରାଜ୍ୟରେ ଶିଳ୍ପ ହବ୍ ପ୍ରତିଷ୍ଠା ଲାଗି ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବସ୍ଥା ଗ୍ରହଣ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ବିକାଶ ପାଇଁ ଅର୍ଥ ବ୍ୟବସ୍ଥା କରାଯାଇ ପାରିବ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଥିଲେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ନାମରେ ବିଗତ ସରକାର ନିର୍ବାଚନକୁ ଆଖି ଆଗରେ ରଖି ଯେଉଁ ଯୋଜନା କରିଥିଲେ ଆମେ ସେଥିରେ ସ୍ୱତନ୍ତ୍ରତା ଆଣିଛୁ। ଆମ ଓଡ଼ିଶା ନବୀନ ଓଡ଼ିଶା ବଦଳରେ ଏଣିକି 'ବିକଶିତ ଗାଁ- ବିକଶିତ ଯୋଜନା' କାର୍ଯ୍ୟକାରୀ ହେବ ଏବଂ ଏହି ଯୋଜନାକୁ ପ୍ରତିବର୍ଷ ଚାଲୁ ରଖିବା ଲାଗି ଅର୍ଥ ବ୍ୟବସ୍ଥା କରାଯିବ। ସେହିପରି ସୁଭଦ୍ରା ଯୋଜନା ନାମରେ ଦଶ ହଜାର କୋଟି ଟଙ୍କାର ଯେଉଁ ନୂଆ ଯୋଜନା ମହିଳାଙ୍କ ଲାଗି କରାଯାଇଛି ସେଥିପାଇଁ ସମ୍ବଳର ଅଭାବ ହେବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି କାଳିଆ ଯୋଜନା ବଦଳରେ ପିଏମ୍ କିଷାନ ସହିତ ସିଏମ୍ ଯୋଜନା ଲାଗୁ ହେବ। ଏଥିରେ ସମସ୍ତ ଚାଷୀ ଯେପରି ଉପକୃତ ହେବେ ତାହାର ବ୍ୟବସ୍ଥା ଗ୍ରହଣ କରାଯିବ। ବିଏସ୍‌କେୱାଇ ବଦଳରେ ଆୟୁଷ୍ମାନ ଯୋଜନା ଲାଗୁ କରାଯିବ। ବିଗତ ସରକାରଙ୍କ ଅମଳରୁ କାର୍ଯ୍ୟକାରୀ ହୋଇ ଆସୁଥିବା ଅନେକ ଯୋଜନାକୁ ସଂଶୋଧିତ ଏବଂ ଆଉ କେତେକ ଯୋଜନା ବଦଳରେ ନୂଆ ଯୋଜନା କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ବଜେଟ୍‌ରେ ଅର୍ଥ ବ୍ୟବସ୍ଥା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ।

## ୨୦୨୭ ସୁଦ୍ଧା ଚାଲିବ ଭୁବନେଶ୍ୱର ମେଟ୍ରୋ ରେଳ

**ଭୁବନେଶ୍ୱର, ୨୫।୭**

**ନ୍ୟୁଜ୍ ବ୍ୟୁରୋ**

୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ମେଟ୍ରୋ ରେଳ ପ୍ରକଳ୍ପ । ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜାଗାରେ ନୂଆ ଯୋଜନା ଆରମ୍ଭ

**ଭୁବନେଶ୍ୱର, ୨୫।୭**

**ନ୍ୟୁଜ୍ ବ୍ୟୁରୋ**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ସ୍ଥାନରେ ନୂଆ ଯୋଜନା ଲାଗୁ କରାଯିବା ନେଇ ଘୋଷଣା କରାଯାଇଛି। ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ନାମରେ ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ ହେବାକୁ ଯାଉଛି। ଏ ସଂପର୍କରେ ଗୁରୁବାର ବଜେଟରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହା ସହିତ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା ଲାଗୁ କରିବାକୁ ମଧ ମୁଖ୍ୟମନ୍ତ୍ରୀ ବଜେଟରେ ଘୋଷଣା କରିଛନ୍ତି। ବିଧାନସଭାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ନିର୍ବାଚନ ପୂର୍ବ ଇସ୍ତାହାରରେ ପ୍ରତିଶ୍ରୁତି ଅନୁଯାୟୀ, ଆମ ସରକାର ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓ ରାଜ୍ୟର ନିଜସ୍ୱ ସ୍ୱାସ୍ଥ୍ୟ ବୀମା ଯୋଜନା- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ସଂଯୋଜନ ମାଧ୍ୟମରେ ଯୋଗ୍ୟ ପରିବାରମାନଙ୍କୁ ସରକାରୀ ଓ ବେସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନଗୁଡ଼ିକରେ କ୍ୟାସ୍‌ଲେସ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବା *(ପୃଷ୍ଠା ୭ରେ)*

## ପୁଣି ଲଘୁଚାପ ସୃଷ୍ଟି ହେବା ସମ୍ଭାବନା: ୩୧ରୁ ବର୍ଷା ବଢ଼ିବ

**ଭୁବନେଶ୍ୱର, ୨୫।୭**

**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୭ରେ ଏହା ଲଘୁଚାପ ରୂପ ନେବାର ସମ୍ଭାବନା ରହିଛି। ୨୮ରେ ଓଡ଼ିଶା ଓ ଛତିଶଗଡ଼ ଉପରେ ଏହାର ପ୍ରଭାବ ରହିବ। ଲଘୁଚାପ ପ୍ରଭାବରୁ ୨୭ରୁ ୨୯ ଯାଏ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।



୨୭ ତାରିଖରେ କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହେବ । ୨୮ ତାରିଖରେ ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଏବଂ ୨୯ରେ ବହୁ ସ୍ଥାନରେ ମଧ୍ୟମ ପରିମାଣର ବର୍ଷା ହେବାର ସମ୍ଭାବନା ରହିଛି। ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି । ଜିଏଫଏସ ମଡେଲ ଅନୁସାରେ, ଅଗଷ୍ଟରେ ଉତ୍ତର ବଙ୍ଗୋପସାଗର ଉପରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇପାରେ । ଏହାର ପ୍ରଭାବରେ *(ପୃଷ୍ଠା ୭ରେ)*

## ଡବଲ ଇଞ୍ଜିନ ସରକାର ଡବଲ ନିରାଶ କରିଛି : ନବୀନ

**ଭୁବନେଶ୍ୱର, ୨୫।୭**

**ନ୍ୟୁଜ୍ ବ୍ୟୁରୋ**

ଡବଲ ଇଞ୍ଜିନ ସରକାର ଡବଲ ନିରାଶ କରିଛି । ଆମେ ଏହି ବଜେଟ ନେଇ ଖୁସି ନାହୁଁ । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହା କହିଛନ୍ତି। ସେହିପରି କଂଗ୍ରେସ ନେତା ତାରା ପ୍ରସାଦ ବାହିନୀପତି କହିଛନ୍ତି, ଚାଷୀ ଓ ମହିଳାଙ୍କ ପାଇଁ ବଜେଟ୍‌ରେ କିଛି ନାହିଁ । ଯାହା ଆଗରୁ ଥିଲା, ସେଥିରେ ୧୦ରୁ ୧୫ ପ୍ରତିଶତ ଟଙ୍କା ବଢ଼ିଛି। ଏହା ଏକ ହାୱା। ମୋହନ ସରକାରଙ୍କ ବଜେଟ୍‌ରେ କେବଳ ନାମ ପରିବର୍ତ୍ତନ ହୋଇଛି । ଲୋକଙ୍କୁ ଭୁଲାଇବା ପାଇଁ ଏହି ବଜେଟ୍ ଗରିବମାନଙ୍କୁ ମାରିବା ପାଇଁ ଏହି ବଜେଟ ପ୍ରସ୍ତୁତ ହୋଇଛି।

## ଏକାଳ ସକାଳ





ମହିଳା, ଶିଶୁ, ବୟସ୍କ, କୃଷକ
ସବୁ ବର୍ଗ ହେବେ ଖୁସ୍
ଶିକ୍ଷା, ସ୍ୱାସ୍ଥ୍ୟ, ବାଣିଜ୍ୟ ପାଇଁ କି
ବଜେଟ୍‌ରେ ଅଛି ଖାସ୍
ସର୍କାର ସାବାସ୍ ସାବାସ୍
ଗୋଟେ ନାଁ ବଦଳେ ମହାପୁରୁଷଙ୍କ ନାଁ
ଦେଖି ଜନସାଧାରଣ ଖୁସି ବାସ୍।

## ୧୮ ବର୍ଷ ପରେ ବିଳମ୍ବିତ ରାତିରେ ମହାଜାଗତିକ ଦୃଶ୍ୟ



**ନୂଆଦିଲ୍ଲୀ, ୨୫।୭**

ଗତ ବୁଧବାର ରାତିରେ ଭାରତର ଅନେକ ସ୍ଥାନରେ ଶନି ଚନ୍ଦ୍ରଗ୍ରହଣ ଦେଖା ଦେଇଛି । ଏହି ବିରଳ ଦୃଶ୍ୟ ଦୀର୍ଘ ୧୮ବର୍ଷ ପରେ ଦେଖା ଦେଇଛି ବୋଲି କୁହାଯାଉଛି। ମହାକାଶର ମହାଜାଗତିକ ଦୃଶ୍ୟର ଫଟୋ ଦିଲ୍ଲୀ ଓ ପଶ୍ଚିମବଙ୍ଗରୁ ସାମ୍ନାକୁ ଆସିଛି।

୧୮ ବର୍ଷ ପରେ ମହାକାଶରେ ଚନ୍ଦ୍ରମା ପଛରେ ଶନି ଗ୍ରହ ଲୁଚି ଯାଇଥିଲେ। ରାତି ସାଢେ ଗୋଟାଏରୁ ରାତି ୨ ଟା ୩୭ ମିନିଟ ମଧ୍ୟରେ ଏହି ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା । ଏହି ଘଟଣାକୁ ଜ୍ୟୋତିର୍ବିଜ୍ଞାନୀମାନେ ଏକ ବିରଳ ମହାଜାଗତିକ ଦୃଶ୍ୟ ବୋଲି ଉଲ୍ଲେଖ କରିଛନ୍ତି । କାରଣ ଏମିତି ଦୃଶ୍ୟ ଅନେକ ବର୍ଷରେ ଥରେ ଦେଖିବାକୁ ମିଳିଥାଏ।

କାରଣ ସାଧାରଣତଃ ସୂର୍ଯ୍ୟପରାଗରେ ଚନ୍ଦ୍ର ସୂର୍ଯ୍ୟଙ୍କୁ ଘୋଡାଇ ଦେଇଥାଏ । କିନ୍ତୁ ଶନି ଗ୍ରହ ସାମ୍ନାରେ ଚନ୍ଦ୍ରଙ୍କ ଚଳନ ହେବା ଫଳରେ ଶନିଗ୍ରହ କିଛି ସମୟ ପାଇଁ ଅଦୃଶ୍ୟ ହୋଇ ଯାଇଥିଲେ। ଏହି ଦୃଶ୍ୟ ଦେଶରେ ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ହୋଇଥିଲା। ଭାରତ ବ୍ୟତୀତ ଶନି ଚନ୍ଦ୍ରଗ୍ରହଣ ଶ୍ରୀଲଙ୍କା, ମିଆଁମାର ଓ ଚୀନରେ ବି ଦେଖିବାକୁ ମିଳିଥିଲା। ଏହି ଦେଶରେ ଏହି ମହାଜାଗତିକ ଦୃଶ୍ୟ ଦେଖିବାର ସମୟ ଭାରତ ସମୟ ଠାରୁ ଭିନ୍ନ ରହିଥିଲା।

## ସାଇବର ଠକ ପଞ୍ଝାରେ ଯୁବ ବ୍ୟବସାୟୀ ବ୍ୟବସାୟ ନାଁରେ ଠକିନେଲେ ୩୨.୫୦ ଲକ୍ଷ

**ରାଉରକେଲା, ୨୫।୭**

**ନ୍ୟୁଜ୍ ବ୍ୟୁରୋ**

ଦିନକୁ ଦିନ ଠକିବାର ତରିକା ବଦଳାଉଛନ୍ତି ସାଇବର ଠକ ଗ୍ୟାଙ୍ଗ । ରାତାରାତି ଲକ୍ଷପତି ଓ କୋଟିପତି ହେବାର ସ୍ୱପ୍ନ ଦେଖାଇ ଠକି ନେଉଛନ୍ତି ଲକ୍ଷ ଲକ୍ଷ ଟଙ୍କା। ଯାହାର ଟେରପାଉନି ସାଇବର ପୁଲିସ। ରାଉରକେଲା ସହରରେ ମାସକୁ ଜଣେ ଦୁଇଜଣ ସାଇବର ଠକାମିରେ ଶିକାର ହେଉଛନ୍ତି । ଏବେ ପୁଣି ସାଇବରଠକ ଗ୍ୟାଙ୍ଗ ପଞ୍ଝାରେ ପଡିଛନ୍ତି ରାଉରକେଲା ସାରନଗରୀ ରଙ୍ଗିଲା ଛକର ଜଣେ ଯୁବ ବ୍ୟବସାୟୀ।

ଅନଲାଇନ ବ୍ୟବସାୟ ନାଁରେ କୋଟିପତି



ହେବାର ଲୋଭଦେଖାଇ ଠକି ନେଇଛନ୍ତି ୩୨ ଲକ୍ଷ ୫୦ ହଜାର ଟଙ୍କା। *(ପୃଷ୍ଠା ୭ରେ)*





# ୭ଦିନ ମଧ୍ୟରେ ସବୁ ୱାର୍ଡ଼ ବୁଲିବ ମଶାଧୂଆଁ ଗାଡ଼ି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**




ରାଜଧାନୀରେ ଗତବର୍ଷ ଅପେକ୍ଷା ଚଳିତ ବର୍ଷ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା କମ୍ ରହିଛି । ଚଳିତ ବର୍ଷ ଜାନୁଆରୀ ପହିଲାରୁ ଏ ପର୍ଯ୍ୟନ୍ତ ମୋଟ୍ ୮୪୫୩ ନମୁନା ପରୀକ୍ଷଣରୁ ୨୫୭ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି । ଗତବର୍ଷ ଏହି ସମୟରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ଥିଲା ୬୦୫ । ଗତବର୍ଷ ଜୁଲାଇରେ ୫୦୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୧୦୦ ରହିଛି । ଡେଙ୍ଗୁ ମୁକାବିଲା ନେଇ ଭୁବନେଶ୍ୱର ମହାନଗର ନିଗମ ଏବଂ ସ୍ୱାସ୍ଥ୍ୟ ବିଭାଗ ମିଳିତ ସହଯୋଗରେ ସଚେତନତା କରାଯାଉଛି । ଅନ୍ୟପଟେ ମଶାଧୂଆଁ ଦିଆ କାର୍ଯ୍ୟ ବନ୍ଦ ରହିଥିଲା । ଏହା ଆରମ୍ଭ ହୋଇଛି । ଏନେଇ ଆସନ୍ତା ଫେବୃୟାରୀ ପର୍ଯ୍ୟନ୍ତ ଅନୁମତି ରହିଛି । ସପ୍ତାହକରେ ସବୁ ୱାର୍ଡ଼ରେ ଏହି କାର୍ଯ୍ୟ ଶେଷ ହେବ ଏବଂ ପ୍ରତି ୭ରୁ ୧୪ ଦିନ ବ୍ୟବଧାନରେ ପୁଣି ଧୂଆଁ ଦିଆଯିବ ବୋଲି ପଡ଼ିଛି । କେବଳ ଏତିକି ନୁହେଁ ସରକାର ପାଣ୍ଠି ଦେଇଥିବା ବେଳେ ସ୍ୱତନ୍ତ୍ରଭାବେ ୩୦ ସ୍ୱେଚ୍ଛାସେବୀ ସଚେତନତା କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି । ଡେଙ୍ଗୁରେ ଅଙ୍କୁଶ ଲଗାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ଦୀର୍ଘଦିନ ବ୍ୟବଧାନ ପରେ ମଶାଧୂଆଁ ଦିଆ କାର୍ଯ୍ୟ ଆରମ୍ଭ ହୋଇଛି । ଏନେଇ ଦୁଇଟି ବଡ଼ ଗାଡ଼ି ଓ ୧୦ଟି ଛୋଟ ଗାଡ଼ି ନିୟୋଜିତ କରାଯାଇଛି । ୭ ଦିନ ମଧ୍ୟରେ ସମସ୍ତ ୱାର୍ଡ଼ରେ ଧୂଆଁ ଦିଆଯିବ । ପ୍ରତି ୱାର୍ଡ଼ରେ ଦୁଇଜଣ ଲେଖାଏଁ ଦାୟିତ୍ୱରେ ରହିବେ । ରାଜଧାନୀର ଖଣ୍ଡଗିରି, ଜାଗମରାର, ଧର୍ମବିହାର, ପଟିଆ ଆଦି ଅଞ୍ଚଳରେ ଅଧିକ ସଂଖ୍ୟାରେ ଡେଙ୍ଗୁ ଆକ୍ରାନ୍ତ ହେଉଛନ୍ତି । ତେଣୁ ଏହିସବୁ ଅଞ୍ଚଳକୁ ଫୋକସ୍‌ରେ ରଖାଯାଇଛି । ଏଠାରେ ସ୍ୱତନ୍ତ୍ରଭାବେ ଧ୍ୟାନ ଦିଆଯାଇ ମୋବାଇଲ ହେଲଥ ୟୁନିଟ୍ କାର୍ଯ୍ୟ କରୁଛି । ମଶା ତେଲ ପକାଯିବା ସହିତ ମଶା ଉତ୍ସକୁ ନଷ୍ଟ କରାଯାଉଛି । ସେହିପରି ରାଜ୍ୟ ସରକାର ପାଣ୍ଠି ଦେଇଥିବା ବେଳେ ୩୦ ସ୍ୱେଚ୍ଛାସେବୀ ରାଜଧାନୀରେ ଡେଙ୍ଗୁ ସଚେତନତା କାର୍ଯ୍ୟ କରିବେ । ଏହି ସ୍ୱେଚ୍ଛାସେବୀଙ୍କୁ ୧୦ ଜଣ ଲେଖାଏଁ ତିନିଟି ଦଳ କରାଯିବ । ଘରକୁଘର ବୁଲି ଏମାନେ ସଚେତନ କରିବେ । ଏମାନଙ୍କୁ ସ୍ୱତନ୍ତ୍ର ଭାବେ ଡ୍ରେସ୍ ଏବଂ ପରିଚୟପତ୍ର ଦିଆଯିବ । ଏମାନେ ତିନିମାସ ରାଜଧାନୀରେ ସଚେତନ କରିବେ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲ, ଆଇଆରସି ଭିଲେଜ ଏବଂ ପଟିଆ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ପରୀକ୍ଷା କରାଯାଇଥିବା ବେଳେ ୨୫୭ ଡେଙ୍ଗୁ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ କେବଳ ବିଏମ୍‌ସି ଅଞ୍ଚଳରୁ ୧୪୭ ଚିହ୍ନଟ ହୋଇଛନ୍ତି । ବାକି ଅନ୍ୟ ଆକ୍ରାନ୍ତ ବାହାର ଅଞ୍ଚଳର ହୋଇଥିବା ବେଳେ ଏମାନଙ୍କ ତଥ୍ୟ ଏବଂ ଠିକଣା ମିଳିପାରି ନାହିଁ । ଯେଉଁମାନଙ୍କ ଡେଙ୍ଗୁ ଲକ୍ଷଣ ଦେଖାଦେଉଛି ତୁରନ୍ତ ନିକଟସ୍ଥ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କରିବା ସହିତ ନିଜନିଜ ଅଞ୍ଚଳକୁ ସଫାସୁତୁରା ରଖିବାକୁ ବିଏମ୍‌ସି ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ହେଉନି ଆଶାନୁରୂପ ବର୍ଷା, ଆଗେଇ ପାରୁନି ଚାଷ କାର୍ଯ୍ୟ

## ବର୍ଷାଦିନେ ଚାଲିଛି କେନାଲ ବନ୍ଧ କାର୍ଯ୍ୟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



କଥାରେ ଅଛି ଚାଷ ତରତର ବଣିଜ ମଠ । ସେହି ଅନୁସାରେ ଚାଷୀ ଚାଷ କାର୍ଯ୍ୟ ଆଗେଇବା ପାଇଁ ସର୍ବଦା ସଠିକ୍ ସମୟକୁ ଅପେକ୍ଷା କରିଥାଏ । ଚଳିତ ବର୍ଷ ଚାଷ କାର୍ଯ୍ୟ ଆଗେଇ ପାରୁନି ବୋଲି ଚାଷୀକୁଳ କହିଛନ୍ତି । ଭୁବନେଶ୍ୱର ଉପକଣ୍ଠ ବରିମୁଣ୍ଡ, ଜରିପାଟଣା, କଲ୍ୟାଣପୁର, ଇଞ୍ଚଣାର, ରୋକଟ, କଳାରାହଙ୍ଗ ଭଳି ବିଭିନ୍ନ ଅଞ୍ଚଳରେ ଆବଶ୍ୟକ ଅନୁସାରେ ବର୍ଷା ନଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି । ଅପରପକ୍ଷେ ଏହି ଅଞ୍ଚଳ ଦେଇ ପ୍ରବାହିତ ଲିଙ୍ଗିପୁର କେନାଲ ବନ୍ଧର ଗାର୍ଡ଼ୱାଲ ସହିତ ବନ୍ଧ କାମ ହେଉଥିବାରୁ କେନାଲ ଜଳ ଆସିବା ନେଇ ମଧ୍ୟ ସନ୍ଦେହ ଦେଖାଦେଇଛି । ଯେଉଁଥିପାଇଁ କିଛି ଚାଷୀ ଏବେ ବି ଚାଷ କାର୍ଯ୍ୟ ଆରମ୍ଭ କରିପାରିନଥିବା ଅଭିଯୋଗ କରିଥିବା ବେଳେ ଆଉ କିଛି ଚାଷୀ ଖାଲ ଜମିରେ କାଁ ଭାଁ ତଳି ପକାଇବା ଓ ତଳି ଓପାଡ଼ିବା କାର୍ଯ୍ୟ ଆରମ୍ଭ କରିଛନ୍ତି । କେନାଲରେ ଜଳ କେବେ ଛଡ଼ାଯିବ ଏ ସଂକ୍ରାନ୍ତରେ ବିଭାଗ ଚିନ୍ତାରେ ପଡ଼ିଥିବା ବେଳେ ବର୍ଷାଋତୁରେ କେନାଲ ବନ୍ଧ ଓ ଗାର୍ଡ଼ୱାଲ କାର୍ଯ୍ୟ ବାଧକ ସାଜୁଥିବା କୁହାଯାଉଛି । ଏଭଳି ସ୍ଥିତିରେ ବର୍ଷା ଉପରେ ଭରସା କରି ହେଉନଥିବା କିଛି ଚାଷୀ କହିଥିବା ବେଳେ ଆଉ କିଛି କେନାଲ ଜଳକୁ ଭରସା କରି ଅପେକ୍ଷା କରିଥିବା କହିଛନ୍ତି । ଉପକଣ୍ଠ ପ୍ରତାପରୁଦ୍ରପୁର ଓ ସାହେବନଗର ଆଦି ଖାଲୁଆ ଜମିରେ କିଛି ଚାଷୀ ରୁଆ କାର୍ଯ୍ୟ ଓ ତଳି ଓପଡ଼ା କାର୍ଯ୍ୟ ଆରମ୍ଭ କରିଥିବା ଦେଖିବାକୁ ମିଳିଥିବା ବେଳେ କିଛି ଚାଷ ଜମିରେ ଜଳ ଅଭାବରୁ ରୁଆ କାର୍ଯ୍ୟ ହୋଇପାରୁନଥିବା ସ୍ଥାନୀୟ ଚାଷୀ କହିଛନ୍ତି । ତେବେ ବର୍ଷା ସଠିକ୍ ସମୟରେ ଆବଶ୍ୟକ ଅନୁସାରେ ନହେବାରୁ ଚାଷବାସ ପାଇଁ କେନାଲ ଜଳ ଉପରେ ନିର୍ଭର କରିବାକୁ ପଡ଼ିବ ବୋଲି ବରିଷ୍ଠ ଚାଷୀମାନେ କହିଛନ୍ତି ।

# ପ୍ରଫେସର ଏନ୍.ସି. ପଣ୍ଡାଙ୍କୁ ସଂସ୍କୃତ ମହାମହୋପାଧ୍ୟାୟ ପୁରସ୍କାର

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ହିନ୍ଦୀ ସାହିତ୍ୟ ସମ୍ମିଳନୀର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ପ୍ରଭାତ ଶାସ୍ତ୍ରୀଙ୍କ ୧୦୬ତମ ଜୟନ୍ତୀ ଅବସରରେ ପ୍ରୟାଗସ୍ଥିତ ହିନ୍ଦୀ ସାହିତ୍ୟ ସମ୍ମିଳନୀ ପକ୍ଷରୁ ବିଶିଷ୍ଟ ସଂସ୍କୃତ ପଣ୍ଡିତ ପ୍ରଫେସର ଏନ୍ ସି ପଣ୍ଡାଙ୍କୁ ସଂସ୍କୃତର ସର୍ବୋଚ୍ଚ ସମ୍ମାନ ସଂସ୍କୃତ ମହାମହୋପାଧ୍ୟାୟ ପୁରସ୍କାରରେ ସମ୍ମାନିତ କରାଯାଇଛି । ସଂସ୍କୃତ ଭାଷାର ପ୍ରଚାର ଓ ସଂରକ୍ଷଣ ରେ ଉଲ୍ଲେଖନୀୟ ପ୍ରୟାସ ପାଇଁ ପ୍ରଫେସର ପଣ୍ଡା ମୁଖ୍ୟ ଅତିଥି ପ୍ରଫେସର ବେଦପ୍ରକାଶ ଉପାଧ୍ୟାୟଙ୍କ ଠାରୁ ମାନପତ୍ର ଓ ଉତ୍ତରୀୟ ପୁରସ୍କାର ଗ୍ରହଣ କରିଥିଲେ । ବର୍ତ୍ତମାନ କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟରେ ଭାଷା ବିଦ୍ୟାଳୟର ଡିନ୍ ଓ କାର୍ଯ୍ୟକାରୀ ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ ପ୍ରଫେସର ପଣ୍ଡାଙ୍କ ସହ ଅନ୍ୟ ଦୁଇ ଜଣ ବିଶିଷ୍ଟ ପ୍ରଫେସର ଏହି ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ବିଭୂତି ମିଶ୍ର, ପ୍ରଧାନମନ୍ତ୍ରୀ କୁନ୍ତକ ମିଶ୍ର, ଉପମନ୍ତ୍ରୀ ରାମକୃଷ୍ଣ ପାଣ୍ଡେ, ଶେଷମଣି ପାଣ୍ଡି, ପବିତ୍ର ତିୱାରୀ, ଭାସ୍କର ମିଶ୍ର, ଡ. ଅନ୍ନପୂର୍ଣ୍ଣା ମାଲବ୍ୟ ଏବଂ ମନୀଷ ପାଣ୍ଡେ ଯୋଗ ଦେଇ ସଂସ୍କୃତ ପ୍ରତି ପଣ୍ଡିତଙ୍କ ସଫଳତା ଏବଂ ସମର୍ପଣର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ ପାଳନ କରିଥିଲେ ।

# ଥାନାରୁ ନ୍ୟାୟ ନପାଇ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ପଞ୍ଚାୟତର ଦଇଦାସପାଟଣା ଗ୍ରାମର ସୁବଳ ଜେନାଙ୍କୁ ଆଜକୁ ୭ବର୍ଷ ତଳେ ପ୍ରେମ ବିବାହ କରିଥିଲେ ରିଙ୍କୁ ଜେନା । ଏବେ ସେମାନଙ୍କର ଦୁଇଟି ପୁଅ ମଧ୍ୟ ରହିଛନ୍ତି । ହେଲେ ସୁବଳ ଏପେ ପରିବାରର ଲୋକମାନଙ୍କ (ଶାଶୂ, ଦେଢଶୁର, ଯାଆ, ପିଶାଶୂ, ନଣନ୍ଦ )ପ୍ରରୋଚନାରେ ପଡି ଦ୍ୱିତୀୟ ବିବାହ କରିଛନ୍ତି । ଅନ୍ୟପକ୍ଷରେ ଦ୍ୱିତୀୟ ବିବାହ ପରେ ରିଙ୍କୁ ଓ ତାର ପିଲାମାନଙ୍କୁ ଖାଇବାକୁ ପିନ୍ଧିବାକୁ ଦେଉନାହାନ୍ତି । ଅଥଚ ଶରିରୀକ ଓ ମାନସିକ ନିର୍ଯ୍ୟାତନା ମଧ୍ୟ ଦେଉଛନ୍ତି । ଏନେଇ ରିଙ୍କୁ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରିନି । ଓଲଟି ଦେଢଶୁର ଆନନ୍ଦ ପୁଲିସ ତାଙ୍କର କିଛି କରିପାରିବ ନାହିଁ ବୋଲି ଧମକ ଦେଉଛି । ଶେଷରେ ରିଙ୍କୁ ଉପାୟ ନପାଇ ଆଜି ପିଲାମାନଙ୍କୁ ଧରି ନ୍ୟାୟ ପାଇଁ ଏସପିଙ୍କୁ ଗୁହାରୀ କରିଛନ୍ତି ।

# ଜମିରେ ବର୍ଷାଜଳ : ଧାନ ତଳି ନଷ୍ଟ ହେଲା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋଟପାଡ଼ ବ୍ଲକ କୃଷକ ସମାଜ ତରଫରୁ ଜିଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ ବର୍ଷାରେ କୋଟପାଡ଼ ଦମୟନ୍ତୀ ସାଗର ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁଛି । ମାଟି ଖୋଳି ହୁଡ଼ାରେ ମାଟି ପକାଯାଇଛି । ଯଦ୍ୱାରା କୋଟପାଡ଼ ତହସିଲ ଅନ୍ତର୍ଗତ ଗିର୍ଲା ପଞ୍ଚାୟତ ଏବଂ ଗୁମୁଡ଼ା ପଞ୍ଚାୟତର ଚାଷ ଜମିଗୁଡିକରରେ ବର୍ଷା ଜଳ ଜମି ରହି ନିଷ୍କାସନ ହୋଇପାରୁ ନାହିଁ । ଚାଷ ଜମିରେ ବର୍ଷା ପାଣି ଜମି ରହିଛି । ଯାହା ଦ୍ୱାରା ଧାନ ତଳି ସବୁ ନଷ୍ଟ ହେବାକୁ ଗଲାଣି । ବାରମ୍ବାର କୋଟପାଡ଼ ବିଜ୍ଞାପିତ ଅଞ୍ଚଳର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କୋଟପାଡ଼ ତହସିଲଦାରଙ୍କୁ ଏହି ଅସୁବିଧା ବିଷୟ ନେଇ ଅବଗତ କରାଯାଇଛି । କିନ୍ତୁ କିଛି ପଦକ୍ଷେପ ନିଆଯାଇ ନାହିଁ । ବର୍ତ୍ତମାନ ଚାଷ କାମ କରିବାରେ ସମ୍ପୂର୍ଣ୍ଣ ଅସୁବିଧା ସୃଷ୍ଟି ହେଉଛି । ଯଥାଶୀଘ୍ର ପ୍ରତିକାର କରିବା ପାଇଁ ନୀଳକଣ୍ଠ ପୁଜାରୀ, ହରି ମାଝୀ ଭାଗିରଥି ହରଜିନ ପ୍ରମୁଖ ଦାବି କରିଛନ୍ତି ।

# ଚିକିତ୍ସା ଅବହେଳାରୁ ନବଜାତ ଶିଶୁକନ୍ୟାର ମୃତ୍ୟୁ ଅଭିଯୋଗ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜାରକାସ୍ଥିତ ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳାରୁ ନବଜାତ ଶିଶୁକନ୍ୟାର ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଛି । ହସ୍ପିଟାଲ କର୍ତ୍ତୃପକ୍ଷକୁ ଦାୟୀ କରି ପରିବାର ଓ ସମ୍ପର୍କୀୟ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଅଭିଯୋଗ ମୁତାବକ, ଚଣ୍ଡିଖୋଲ ନିକଟସ୍ଥ ନିଶିମଳା ଗ୍ରାମର ବିଶ୍ୱ ରଞ୍ଜନ ସାହୁଙ୍କ ପତ୍ନୀ ଶୁଭଶ୍ରୀ ପ୍ରସବ ଜନିତ ବେଦନା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ଜାରକାସ୍ଥିତ ଘରୋଇ ହସ୍ପିଟାଲକୁ ଆଣିଥିଲେ । ତେବେ ହସ୍ପିଟାଲର ଡାକ୍ତର ଶୁଭଶ୍ରୀଙ୍କ ପ୍ରସବ ସ୍ଥିତିକୁ ଅନୁଧ୍ୟାନ କରି ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥି ପାଇଁ ରକ୍ତର ଆବଶ୍ୟକତା ପାଇଁ ପରିବାର ଲୋକଙ୍କୁ କହିଥିଲେ । ପରିବାର ଲୋକେ ରକ୍ତର ବ୍ୟବସ୍ଥା କରିବା ପରେ ମହିଳାଙ୍କ ଅସ୍ତ୍ରୋପଚାର କରାଯାଇଥିଲା । ପରେ ଏକ ଶିଶୁ କନ୍ୟା ଜନ୍ମ ଲାଭ କରିଥିଲା । ଜନ୍ମ ସମୟରେ ନବଜାତ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଭଲ ରହିଥିବାରୁ ଶିଶୁକୁ ମାଆ ଖାଦ୍ୟ ଖୁଆଇବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ । ତେବେ କିଛି ସମୟ ପରେ ଶିଶୁଟିର ମୃତ୍ୟୁ ଘଟିଥିଲା । ମୃତ୍ୟୁ ପରେ ପରିବାର ଲୋକେ ଚିକିତ୍ସା କରୁଥିବା ଡାକ୍ତର ଓ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ଆଣିଛନ୍ତି । ଏପଟେ ହସ୍ପିଟାଲ କର୍ତ୍ତୃପକ୍ଷ ଅବହେଳାକୁ ଅସ୍ୱୀକାର କରିବା ସହ ଶିଶୁଟିକୁ ଖାଦ୍ୟ ଖୁଆଇବା ସମୟରେ ଶ୍ୱାସ ନଳୀରେ ସମସ୍ୟା ହେବାରୁ ଏଭଳି ଘଟଣା ଘଟିଥାଇପାରେ ବୋଲି ସଫେଇ ଦେଇଛନ୍ତି । ଏହାକୁ ନେଇ ହସ୍ପିଟାଲ ପରିସରରେ ଚାପା ଉତ୍ତେଜନା ଲାଗି ରହିଥିବା ଦେଖିବାକୁ ମିଳିଛି । ଏହି ହସ୍ପିଟାଲରେ ବାରମ୍ବାର ଏଭଳି ଅଘଟଣ ଘଟୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି । ଏହି ଘଟଣାକୁ ନେଇ ଧର୍ମଶାଳା ଥାନାରେ ହସ୍ପିଟାଲ କର୍ତ୍ତୃପକ୍ଷ ଅବହେଳା କାରଣରୁ ଶିଶୁର ମୃତ୍ୟୁ ଘଟିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇ ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିବା ଜଣାପଡ଼ିଛି ।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଭାଲୁ ଆକ୍ରମଣ ରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ସୂଚନା ଅନୁଯାୟୀ ଆଜି ବୋରିଗୁମ୍ମା ବ୍ଲକ କାମରା ପଞ୍ଚାୟତ ସୋଲାଗୁଡା ଅଞ୍ଚଳର ଚୈତନ୍ୟ ମୁଦୁଲି ବୟସ (୧୫) ଗାଈ ଚୋରାଇବାକୁ ନିକଟରେ ଥିବା ଜଙ୍ଗଲ କୁ ଯାଇଥିଲେ । ସେହି ସମୟରେ ଜଙ୍ଗଲ ମଧ୍ୟରୁ ଏକ ଭାଲୁ ଆସି ହଠାତ ଚୈତନ୍ୟ ଙ୍କୁ ଆକ୍ରମଣ କରିଥିଲା । ଆକ୍ରମଣ ଶିକାର ହେବା ପରେ ଚିତ୍କାର କରିଥିଲେ । ଚୈତନ୍ୟ ନିକଟରେ ଜମିରେ ଚାଷ କାମ କରୁଥିବା କିଛି ଲୋକ ଚିତ୍କାର ଶୁଣି ଚୈତନ୍ୟଙ୍କୁ ଭାଲୁ କବଳରୁ ରକ୍ଷା କରି ବୋରିଗୁମ୍ମା ମେଡ଼ିକାଲ ରେ ଭର୍ତ୍ତି କରିଥିଲେ । କିନ୍ତୁ ମୁଣ୍ଡ ଏବଂ ମୁହଁରେ ଗଭୀର ଆଘାତ ଲାଗିଥିବା ଯୋଗୁଁ ଉଚ୍ଚ ଚିକିତ୍ସା ପାଇଁ ଜୟପୁର ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଏହି ସମୟରେ ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ଚନ୍ଦ୍ର ବିଡିକା ଉପସ୍ଥିତ ରହି ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ସମସ୍ତ ବ୍ୟବସ୍ଥା କରିଥିଲେ ।

## ‘ହର୍ ଟିମ୍’ ସଚେତନତା କାର୍ଯ୍ୟକ୍ରମ

# ମହିଳା ଓ ଯୁବତୀଙ୍କ ସୁରକ୍ଷାରେ ପୁଲିସ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଚନ୍ଦ୍ରଶେଖରପୁର ଥାନା ପୁଲିସ ପକ୍ଷରୁ ଡମଣା ଛକ ନିକଟ ବିଏମସି କଲ୍ୟାଣ ମଣ୍ଡ ପରିସରରେ ‘ହର୍ ଟିମ୍’ର ଏକ ସଚେତନାତା କାର୍ଯ୍ୟକ୍ରମ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଥାନା ଅଧୀନ ମଣ୍ଡପ ବସ୍ତି ତାରିଣୀ ବସ୍ତି ଏବଂ ଅରବିନ୍ଦନଗର ବସ୍ତିର ପ୍ରାୟ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଜେନ୍ ଏସିପି ରମେଶ ଚନ୍ଦ୍ର ବିଶୋୟୀ, ଏସିପି ଅଞ୍ଜନା ଟୁଡୁ, ସ୍ଥାନୀୟ ଥାନା ଅଧିକାରୀ ପ୍ରକାଶ ଚନ୍ଦ୍ର ମାଝି, ଏସ୍ଆଇ ଶୁଭଶ୍ରୀ ନାୟକ ଯୋଗ ଦେଇଥିଲେ । କମିଶନରେଟ୍ ପୁଲିସ ଅଧୀନ ରାଜଧାନୀରେ ଅନେକ ସମୟରେ ମହିଳା ଓ ଯୁବତୀମାନେ ମଦ୍ୟପ ଏବଂ ଅସାମାଜିକ ବ୍ୟକ୍ତିଙ୍କ ଶିକାର ହେଉଛନ୍ତି । ପ୍ରତି କ୍ଷେତ୍ରରେ ଏମାନଙ୍କୁ ଅଧିକରୁ ଅଧିକ ସୁରକ୍ଷା ଯୋଗାଇ ଦେବା ପାଇଁ ଗତ ମାର୍ଚ୍ଚରୁ କମିଶନରେଟ୍ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ‘ହର ଟିମ୍’ ଦଳ ଗଠନ କରାଯାଇଥିବା ସୂଚନା ଦିଆଯାଇଛି । ଅସହାୟ ମହିଳା କିମ୍ବା ଯୁବତୀ କୌଣସି ଅସାମାଜିକ ବ୍ୟକ୍ତିଙ୍କ କବଳରୁ ଉଦ୍ଧାର ପାଇବା ପାଇଁ ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ୬୩୭୨୫୦୦୪୦୦ ଫୋନ୍ ନଂ କିମ୍ବା ୧୧୨ ଜରୁରୀକାଳୀନ ନମ୍ବରକୁ ଯୋଗାଯୋଗ କରିବାକୁ କୁହାଯାଇଛି । ଉକ୍ତ ନମ୍ବରକୁ ଫୋନ୍ ଆସିବା ମାତ୍ରେ ଲୋକେସନ ଟ୍ରାକ୍ କରି ହର୍ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅସହାୟଙ୍କୁ ଉଦ୍ଧାର କରିବ ଓ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଆଣି ଘଟଣାର ତଦନ୍ତ କରାଯିବ । ପରେ ଅଭିଯୁକ୍ତଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଯିବ ବୋଲି ଡିସିପି ଶ୍ରୀ ସିଂ କହିଥିଲେ ।

‘ହର ଟିମ୍’ରେ ୨ ମହିଳା ଅଧିକାରୀଙ୍କୁ ନେଇ ୧୨ ଜଣିଆ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି । କେହି ମହିଳା କିମ୍ବା ଯୁବତୀ ସର୍ବସାଧାରଣ ସ୍ଥାନରେ ଅସଦାଚରଣ ଏବଂ ନିର୍ଯାତନାର ଶିକାର ହେଲେ ସ୍ଥିତି ମୁକାବିଲା ଦିଗରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।

# ଓଲଟିଲା ବୋଲବମ୍ ବସ୍ : ୧୭ ଆହତ

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ପାଣିକୋଇଲି ଥାନା ଅନ୍ତର୍ଗତ ୨୦ନମ୍ବର ଜାତୀୟ ରାଜପଥର କୃପାଳୁ ରାଇସମିଲ ସମ୍ମୁଖରେ ବୋଲବମ୍ ଭକ୍ତଙ୍କୁ ନେଇ ଯାଉଥିବା ଏକ ବସ୍ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡର ଉପରକୁ ଚଢି ଓଲଟି ପଡ଼ିବାରୁ ୧୭ଜଣ ବୋଲବମ ଭକ୍ତ ଆହତ ହୋଇଥିବା ବେଳେ ବସ୍‌ର ହେଲପର ଗୁରୁତର ଆହତ ହୋଇଥିବା ଜଣାପଡିଛି । ପ୍ରକାଶଯେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳରୁ ସାବିତ୍ରୀ (ପଣ୍ଡା) ନାମକ ଏକ ଘରୋଇ ମିନି ବସ୍ ଯାଜପୁରରୋଡ୍ ପାଣିକୋଇଲି ରାସ୍ତାର କୃପାଳୁ ରାଇସ ମିଲ ସମ୍ମୁଖରେ ରବିବାର ବିଳମ୍ବିତ ରାତ୍ରୀ ୧ଟା ସମୟରେ ଭାରସାମ୍ୟ ହରାଇ ବୋଲବମ ଭକ୍ତ ୧୭ଜଣଙ୍କୁ ନେଇ ପୁରୀ ଅଭିମୁଖେ ଯାଉଥିଲା । ବୋଲବମ ଭକ୍ତମାନେ ଜାରକା ଗୋକର୍ଣ୍ଣେଶ୍ୱର ପୀଠରୁ ପାଣି ଉଠାଇ ପୁରୀ ଅଭିମୁଖେ ଚାଲି ଚାଲି ଯାଉଥାନ୍ତେ । କିନ୍ତୁ ପାଣିଭାର ଉଠାଇବାକୁ ଯିବା ପୂର୍ବରୁ ଘଟିଲା ଦୁର୍ଘଟଣା । ସମ୍ଭବ ହେଲାନି ପାଣିଭାର ନେବା । ଦୁର୍ଘଟଣା ପରେ ବସର ଚାଳକ ଫେରାର ହୋଇଯାଇଥିବା ବେଳେ ସମସ୍ତ ଯାତ୍ରୀ ଛୋଟ ବଡ ଭାବେ ଆହତ ହୋଇଥିଲେ । ମାତ୍ର ବସରର ହେଲପର ଗାଡି ଭିତରେ ଫସି ଗୁରୁତର ଆହତ ହୋଇଥିଲେ । ଖବର ପାଇ ରାଜପଥ ପୋଟ୍ରୋଲିଂଗ, ପାଣିକୋଇଲି ପୁଲିସ, ଆମେ ଆପଣଙ୍କ ପାଇଁ ହେଫିଂଗ ଗ୍ରୁପ ସଦସ୍ୟ ଓ ଯାଜପୁରରୋଡ ଅଗ୍ନୀଶମ ବାହିନୀ ଘଟଣାସ୍ଥଳେ ପହଞ୍ଚିଥିଲେ । ଆହତ ମାନଙ୍କୁ ଉଦ୍ଧାର କରି ଯାଜପୁରରୋଡ ଓ ଯାଜପୁର ଟାଉନ ମୁଖ୍ୟ ଚିକିତ୍ସାଳୟକୁ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ । ହେଲପରର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାକୁ କଟକ ସ୍ଥାନାନ୍ତରିତ କରାଯାଇଛି। ପରେ ସମସ୍ତଙ୍କ ମିଳିତ ଉଦ୍ୟମରେ ବସଟିକୁ ଠାଯୀ ପାଣିକୋଇଲି ଥାନା ଜବତ କରିବା ସହ ତଦନ୍ତ ଜାରି ରଖିଛି ।

# ଟ୍ରେଲର- କଣ୍ଟେନର ଧକ୍କା ଜଣେ ଚାଳକ ମୃତ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ଜମନକିରା ଥାନା ଅନ୍ତର୍ଗତ ବଡରମା ଘାଟି ମଝିରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି । ଟ୍ରେଲର ସହ ଅନ୍ୟ ପାର୍ଶ୍ୱରୁ ଆସୁଥିବା ଏକ କଣ୍ଟେନର ସହ ମୁହାଁମୁହିଁ ଧକ୍କା ହେବା ଫଳରେ କଣ୍ଟେନର ଚାଳକ ମହାରାଷ୍ଟ୍ର ବୁଲଦନାର ଶାରୁଖ ଜେ ସାହା (୨୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ଦୁର୍ଘଟଣା ପରେ ଉଭୟ ଜମନକିରା ପୋଲିସ ଓ ଅଗ୍ନିସେବା ଅଧିକାରୀ ସଦଳବଳେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ । ଦୁଇଟି କ୍ରେନ୍ ସାହାଯ୍ୟରେ ଟ୍ରକ୍‌କୁ ଅଲଗା କରି ଚାଳକକୁ ଉଦ୍ଧାର କରାଯାଇଥିବା ବେଳେ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ରାସ୍ତାରୁ ହଟାଇ ରାସ୍ତାକୁ ସ୍ୱାଭାବିକ କରିଥିଲେ । ଏନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ କରାଯାଇଛି ।

# ଦୁଷ୍କର୍ମକାରୀକୁ ଆଜୀବନ ଜେଲ୍‌ଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲା କାକରିଗୁମ୍ମା ଥାନା ଅଞ୍ଚଳରେ ଘଟିଥିବା ୪ ବର୍ଷ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ୨୨ଟି ସାକ୍ଷ୍ୟ ପ୍ରମାଣ ଓ ୨୭ଟି ଦସ୍ତାବିଜକୁ ଭିତ୍ତି କରି କାକିରିଗୁମ୍ମା ପରଜା ସାହିର ରାଜା ରାମ ମୁଦୁଲି (୨୪) କୁ ବିଭିନ୍ନ ଦଫାରେ ଆଜି ଜୟପୁର ସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୋଷୀକୁ ଆଜୀବନ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଆର୍ଥିକ ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟ ହେଲେ ଦୋଷୀକୁ ଅଧିକ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି ରାୟରେ ଦର୍ଶାଇଛନ୍ତି ଅଦାଲତ । ସରକାରଙ୍କ ତରଫରୁ ପୀଡ଼ିତାକୁ ଆଇନସେବା ପ୍ରାଧିକରଣ ମାଧ୍ୟମରେ ୧୦ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ । ମାମଲା ରୁଜୁ ସମୟରେ ପୀଡିତାଙ୍କୁ ୩ ଲକ୍ଷ ୫୦ ହଜାର ଟଙ୍କା ଦିଆଯାଇଛି । ପୀଡ଼ିତା ୭ ଲକ୍ଷ ଟଙ୍କା ପାଇବେ । ମାମଲାର ବିବରଣିରୁ ପ୍ରକାଶ ଯେ, ନାବାଳିକା ୧୯.୫. ୨୦୨୦ ଦିନ ୧୨ଟା ବେଳେ ଘର ବାରଣ୍ଡାରେ ଅନ୍ୟ ପିଲାଙ୍କ ସହ ଖେଳୁଥିବା ବେଳେ ଦୋଷୀ ରାଜା ରାମ ମୁଦୁଲି ଚକଲେଟ ଦେବା ବାହାନାରେ ଜଙ୍ଗଲକୁ ନେଇ ଦୁଷ୍କର୍ମ କରିଥିଲା । ଅଚେତ ଅବସ୍ଥାରେ ଛାଡି ଚାଲି ଯାଇଥିଲ । ପରିବାର ଲୋକେ ନାବାଳିକା ନିଖୋଜ ଥିବା ଜାଣି ଖୋଜାଖୋଜି କରିବା ସମୟରେ ପାଖରେ ଥିବା ନୀଳଗିରି ଜଙ୍ଗଲରୁ ରକ୍ତ ଜୁଡୁବୁଡୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ । ପ୍ରଥମେ କାକରିଗୁମ୍ମା ମେଡିକାଲ ଓ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ । କାକରିଗୁମ୍ମା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ଡ. ଗାୟତ୍ରୀ ଦେବି ମାମଲା ପରିଚାଳନା କରିଥିଲେ ।

# ବିଦ୍ୟୁତ୍ କାଟ୍‌ରେ ଅତିଷ୍ଠ ଲୋକେ ବିଦ୍ୟୁତ୍ ଉପକେନ୍ଦ୍ରରେ ପକାଇଲେ ତାଲା

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ବାରମ୍ବାର ପାୱାର କଟ୍‌ରେ ଅତିଷ୍ଠ ହୋଇ ଗ୍ରାହକ ମାନେ ଇଲେକ୍ଟ୍ରିକ ଅଫିସ୍ (ବିଦ୍ୟୁତ ଉପକେନ୍ଦ୍ର)ରେ ପକାଇଲେ ତାଲା । ଏଭଳି ଘଟଣା ଘଟିଛି ଭଦ୍ରକ ସ୍ଥିତ ବିଜେ ଗଙ୍ଗାଧର ପୁର ବିଦ୍ୟୁତ ଉପକେନ୍ଦ୍ର ଠାରେ । ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ ଟାଟା କମ୍ପାନୀ ଇଲେକ୍ଟ୍ରିକ୍ ବିଭାଗକୁ ନେବା ଠାରୁ ବିଲ୍ ଦୁଇରୁ ତିନି ଗୁଣା ବଢ଼ି ଯାଇଛି । ସେହିପରି ପାୱାର କଟ୍ ମଧ୍ୟ ପୂର୍ବ ଠାରୁ ୧୦ ଗୁଣା ବଢ଼ି ଯାଇଛି । କଳା ମେଘ ଦେଖି କଟୁଛି କରେଣ୍ଟ । ପାୱାର କଟ୍ ହେଲେ ବିଭାଗୀୟ କର୍ତ୍ତୃପକ୍ଷ ତାହାର ସଠିକ୍ ବିବରଣୀ ଦେଉନାହାନ୍ତି । ଅନେକ ସମୟରେ କଲ୍ ମଧ୍ୟ ଉଠାଉ ନାହାନ୍ତି । ବେଳେ ବେଳେ ଲାଇନ୍‌ମ୍ୟାନ କଲ୍ ଉଠାଇ ଗୋଟିଏ ସ୍ଥାନରେ ହୋଇଥିଲେ ଅନ୍ୟ ଏକ ସ୍ଥାନର ନାମ କହୁଛନ୍ତି ବୋଲି ଗ୍ରାହକମାନେ ଅଭିଯୋଗ କରିଛନ୍ତି । ଯଦି ଏହାର ସମାଧାନ ଯଥା ଶୀଘ୍ର କରାନଯାଏ ତେବେ ଆଗାମୀ ଦିନରେ ତାଲା ବନ୍ଦ ସହ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ । ଅପର ପକ୍ଷରେ ବିଭାଗୀୟ ଅଧିକାରୀ ଏହାର ତୁରନ୍ତ ସମାଧାନ କରାଯିବ ବୋଲି ଗ୍ରାହକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଏହି ପାୱାର କଟ୍‌ରୁ ସାଧାରଣ ଲୋକେ ତ୍ରାହି ପାଉଛନ୍ତି କି ନାହିଁ ଏହା ଦେଖିବାକୁ ବାକି ରହିଲା ।

# ବିଷ୍ଣୁପଦ ଓ ମହାବୋଧି ମନ୍ଦିର ଗଳିକୁ କାଶୀ ବିଶ୍ୱନାଥ ମନ୍ଦିର କରିଡ଼ର ଭାବେ ବିକଶିତ କରାଯିବ

**ନୂଆଦିଲ୍ଲୀ**

କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ କେନ୍ଦ୍ରୀୟ ବଜେଟ୍ ୨୦୨୪-୨୫ ଆଗତ କରିବା ସହ କହିଛନ୍ତି ଯେ, ଲୋକମାନେ ଦେଶକୁ ମଜବୁତ ଓ ସର୍ବାଙ୍ଗିନ ବିକାଶ ପଥରେ ନେଇଯିବା ନିମନ୍ତେ ସରକାରଙ୍କୁ ଏକ ଅବସର ଦେଇଛନ୍ତି । ବଜେଟ୍ ଭାଷଣରେ ପର୍ଯ୍ୟଟନର ବିକାଶ ଉପରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା କହିଥିଲେ ଯେ, ପର୍ଯ୍ୟଟନ ସର୍ବଦା ଆମ ସଭ୍ୟତାର ଅଂଶବିଶେଷ ହୋଇ ରହି ଆସିଛି । ଭାରତକୁ ଏକ ବିଶ୍ୱ ପର୍ଯ୍ୟଟନ ସ୍ଥଳ ରୂପେ ସ୍ଥାପିତ କରିବା ନେଇ ଆମର ପ୍ରୟାସ ଦ୍ୱାରା ରୋଜଗାର ସୃଷ୍ଟି ହେବ । ନିବେଶ ମଧ୍ୟ ଅଭିବୃଦ୍ଧି ହୋଇପାରିବ ଏବଂ ଅନ୍ୟ କ୍ଷେତ୍ର ନିମନ୍ତେ ଆର୍ଥିକ ଅବସର ଖୋଲିବ । କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା କହିଥିଲେ ଯେ,ବିହାରର ଗୟାରେ ବିଷ୍ଣୁପଦ ମନ୍ଦିର ଓ ବୋଧଗୟାରେ ମହାବୋଧି ମନ୍ଦିରର ଅତ୍ୟଧିକ ଆଧ୍ୟାତ୍ମିକ ମହତ୍ୱ ରହିଛି । ସେ ଘୋଷଣା କରିଥିଲେ ଯେ, ବିଷ୍ଣୁପଦ ମନ୍ଦିର କରିଡ଼ର ଏବଂ ମହାବୋଧି ମନ୍ଦିର କରିଡ଼ରର ବ୍ୟାପକ ବିକାଶକୁ ସଫଳ କାଶୀ ବିଶ୍ୱନାଥ ମନ୍ଦିର କରିଡ଼ର ଭାବେ ସମର୍ଥନ ଦିଆଯିବ । ଯାହାଦ୍ୱାରା ଏହାକୁ ବିଶ୍ୱସ୍ତରିୟ ତୀର୍ଥ ଓ ପର୍ଯ୍ୟଟନ ସ୍ଥଳ ଭାବେ ପରିବର୍ତ୍ତିତ କରାଯାଇପାରିବ ।

# ମହାବିଦ୍ୟାଳୟ ଅବସ୍ଥା ଶୋଚନୀୟ ଛାତରୁ ଗଳୁଛି ବର୍ଷା ପାଣି

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଲଗାଣ ବର୍ଷାରେ ମାଲକାନଗିରି ଜିଲ୍ଲା ବେହାଲ ହୋଇଯାଇଥିବା ବେଳେ ୨୦୧୦ ମସିହାରେ କାଲିମେଳା ବ୍ଲକ୍ ତାଣ୍ଡବାଇ ପଞ୍ଚାୟତ ଏମ.ଭି-୭୯ ଠାରେ ସ୍ଥାପିତ ହୋଇଥିବା ଡଃ. ଶ୍ୟାମପ୍ରସାଦ ଡିଗ୍ରୀ ମହାବିଦ୍ୟାଳୟ ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ରହିଛି । ଏହି କଲେଜରେ କାଲିମେଳା ଓ ପଡ଼ିଆ ବ୍ଲକର ବହୁ ଦୁରଦୁରାନ୍ତ ଗ୍ରାମରୁ ଅନେକ ଆଦିବାସୀ ହରିଜନ ପିଲା ଶିକ୍ଷା ଗ୍ରହଣ କରୁଛନ୍ତି । କଲେଜର ଛାତର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ହୋଇଥିବାରୁ ପ୍ରତ୍ୟେକ ଶ୍ରେଣୀ ଗୃହରେ ପାଣି ଗଳୁଛି । ଏହି ଘର ବହୁ ପୁରୁଣା ହୋଇଥିବାରୁ ଏହିପରି ସମସ୍ୟା ପ୍ରତ୍ୟେକ ବର୍ଷ ବର୍ଷା ଦିନରେ ଦେଖିବାକୁ ମିଳୁଛି । ଗତ ବର୍ଷ ଛାତ୍ର-ଛାତ୍ରୀ ମାନଙ୍କର ପରୀକ୍ଷା ଚାଲୁଥିବା ସମୟରେ ମଧ୍ୟ ଏହି ସମସ୍ୟା ହୋଇଥିଲା । ଏହା ସେହି ସମୟରେ ଗଣମାଧ୍ୟମ ଜରିଆରେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ଜଣାଯାଇଥିଲା, କିନ୍ତୁ ଏହାର କୌଣସି ସୁଫଳ ମିଳିନଥିଲା । ପୁନର୍ବାର ସେହି ଶୋଚନୀୟ ଅବସ୍ଥାକୁ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ସାମନା କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱଳ୍ପ ସାହାଯ୍ୟରେ ଏକ ନୂତନ ଗୃହ ନିର୍ମାଣ କରାଯାଇଛି, ଯଦି ତାହା ତିଆରି ହୋଇଯାଏ, ତେବେ ଏହି ଅଞ୍ଚଳର ଏକମାତ୍ର ଡିଗ୍ରୀ କଲେଜ ଓ ଛାତ୍ର-ଛାତ୍ରୀମାନେ ଉପକୃତ ହେବେ । ଏହି କଲେଜ ୨୦୧୪ ମସିହାରୁ ସରକାରୀ ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ ମଧ୍ୟ ସରକାର ଏହାକୁ ଅଣଦେଖା କରିଥିବାରୁ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇନାହିଁ । ଏହି ଘଟଣାକୁ ସ୍ଥାନୀୟ ଲୋକ ଓ ଅଭିଭାବକମାନେ ଦୃଢ ସମାଲୋଚନା କରିଛନ୍ତି । ସ୍ୱଳ୍ପ ସମୟ ମଧ୍ୟରେ କଲେଜର ପରିସ୍ଥିତିକୁ ପ୍ରଶାସନ ଗୁରୁତର ସହ ନେଇ ସମସ୍ୟାର ସମାଧାନ କରିବାକୁ ଛାତ୍ର ଛାତ୍ରୀ, ଅଭିଭାବକ ଓ ସ୍ଥାନିୟ ଅଞ୍ଚଳବାସୀ ଦାବି କରିଛନ୍ତି ।

# ୫ବର୍ଷ ବିତିଲା : ସରୁନି ମାଛ ବଜାର ନିର୍ମାଣ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**



ଶ୍ରୀକ୍ଷେତ୍ରରେ ଆମିଷ ବିକ୍ରିକୁ ବ୍ୟବସ୍ଥିତ କରିବା ପାଇଁ ଆରମ୍ଭ ହୋଇଥିବା ସ୍ୱଚ୍ଛ ମାଛ ବଜାର ନିର୍ମାଣ କାର୍ଯ୍ୟକୁ ୫ ବର୍ଷ ବିତିଗଲାଣି । ହେଲେ ଏ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇନଥିବାରୁ ଓଡ଼ିଶା ପାରମ୍ପରିକ ମତ୍ସ୍ୟ କର୍ମୀ ୟୁନିୟନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି । ଏଥିସହିତ ମତ୍ସ୍ୟଜୀବୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଛି ।

ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ଜୀବନ ଓ ଜୀବିକାର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ବେଳେ ପୁରୀରେ ମାଛ ବଜାର ନିର୍ମାଣ କାର୍ଯ୍ୟ ଶେଷ କରିବା ଦିଗରେ ଦୃଷ୍ଟି ଦେବା ପାଇଁ ଦାବି କରାଯାଇଛି । ରାଜ୍ୟ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ୨୦୧୯ରେ ପୁରୀରେ ସ୍ୱଚ୍ଛ ମାଛ ବଜାର ପାଇଁ ଡିପିଆଇ ଚୂଡ଼ାନ୍ତ ହୋଇ ପ୍ରାୟ ୬ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ସମ୍ପୂର୍ଣ୍ଣ ଅତ୍ୟାଧୁନିକ ଶୈଳୀରେ ବହୁତଳ କୋଠା ନିର୍ମାଣ କରାଯାଇ ସେଥିରେ ମାଛ ବ୍ୟବସାୟ ପାଇଁ ୧୪୭ଟି ପିଣ୍ଡି ନିର୍ମାଣ କରିବାକୁ ଯୋଜନା କରାଯାଇଥିଲା । ଏଥିରେ ବଜାରର ତଳ ମହଲାରେ ମାଛ ଓ ଉପର ମହଲାରେ ମାଂସ ଓ ଅଣ୍ଡା ବିକ୍ରୟ କେନ୍ଦ୍ର ଖୋଲାଯିବା ବ୍ୟବସ୍ଥା ରହିଛି । ଏହା ରାଜ୍ୟର ଦ୍ୱିତୀୟ ସର୍ବବୃହତ୍ ମାଛ ବଜାର ଭାବେ ପରିଗଣିତ ହେବ । ଏହାର ନିର୍ମାଣ କାର୍ଯ୍ୟ ଶେଷ ପରେ ଆମିଷ ଦୋକାନୀଙ୍କୁ ପିଣ୍ଡି ଓ ଦୋକାନ ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି । ତାଳବଣିଆ ଅଞ୍ଚଳରେ ଏକ ବିସ୍ତୃତ ସରକାରୀ ଜମି ଚିହ୍ନଟ କରାଯାଇ ମାଛ ବଜାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ସହରରେ ଆମିଷ ଦୋକାନୀଙ୍କୁ ବ୍ୟବସ୍ଥିତ କରାଯିବା ସହ ଗୋଟିଏ ସ୍ଥାନରେ ଭଳିକି ଭଳି ମାଛ, ମାଂସ, ଚିଙ୍ଗୁଡ଼ି, କଙ୍କଡ଼ା ମିଳିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା । ଆମିଷ ଦୋକାନରୁ ସୃଷ୍ଟି ହେଉଥିବା ପ୍ରଦୂଷଣକୁ ରୋକିବା ସହ ସେମାନଙ୍କୁ ଥଇଥାନ କରିବା ଲକ୍ଷ୍ୟ ନେଇ ଶ୍ରୀକ୍ଷେତ୍ରରେ ଏହି ପ୍ରକଳ୍ପ ଆରମ୍ଭ ହୋଇଥିଲା । ଏହି ମାଛ ବଜାର ୨୦୨୧ ମସିହା ସୁଦ୍ଧା ଶେଷ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଥିଲା । ମାତ୍ର ନିର୍ମାଣ ସମୟ ଅବଧି ଶେଷ ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଏଥିସହ ପୁରୀ ଜିଲ୍ଲାରେ ମଞ୍ଜୁରୀ ଓ ଟେଣ୍ଡର ହୋଇଥିବା ୫ଟି ମାଛ ଅବତରଣ କେନ୍ଦ୍ର ଓ ଗୋଟିଏ ଫିସିଂ ହାର୍ବର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନ ଥିବାରୁ ମତ୍ସ୍ୟଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ମତ୍ସଜୀବୀଙ୍କ ୭ ଦଫା ଦାବି ପୂରଣ କରିବା ପାଇଁ ୟୁନିୟନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପିତ କରାଯାଇଥିବା ପୁରୀଜିଲ୍ଲା ସଭାପତି ବାବୁଲା ପ୍ରସାଦ ସୂଚନା ଦେଇଛନ୍ତି ।

# ଛତା ଏବଂ ରେନକୋଟ୍

ଲଳିତ ମୋହନ ମିଶ୍ର

ସେଦିନ ରବିବାର ଥିଲା। ରୁନା ବାପା ମା' ସହିତ ଘରେ ଥିଲା। ସଂଧ୍ୟାରେ ସେମାନେ ସମସ୍ତେ ବାହାରକୁ ଯିବାକୁ ଯୋଜନା କରୁଥିବା ବେଳେ, ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହୋଇଗଲା। ବାପା ମା'ଙ୍କୁ କହିଲେ- ଦେଖ ! ହଠାତ୍ କେମିତି ଜୋରରେ ବର୍ଷା ହେବାକୁ ଲାଗିଲାଣି। ପାଣିପାଗ ବିଭାଗ ମଧ୍ୟ ପୂର୍ବାନୁମାନ କରି କହିଛି ଯେ, ସପ୍ତାହସାରା ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମୋ ଛତା ଏବଂ ରୁନାର ରେନକୋଟ୍ ବାକ୍ସରୁ ବାହାର କରିଦିଅ। 'ଠିକ୍ ଅଛି, ମା' କହିଲେ। ରୁନାର ବାପା... ମା' ବାକ୍ସରେ ରଖାଯାଇଥିବା ଛତା ଓ ରେନକୋଟ୍ ଦେଖିଲେ। ସେଗୁଡିକୁ ଦେଖି ବହୁତ ଖୁସି ହେଲେ, ଅନେକ ମାସ ଧରି ବାକ୍ସରେ ପଡ଼ି ରହିଥିବା ଜିନିଷ ଗୁଡିକ ଏବେ ଥଣ୍ଡା ପବନ ଖାଇବେ ଏବଂ ବର୍ଷା ବୁନ୍ଦାର ସ୍ପର୍ଶ ପାଇବେ। ଛତା ରେନକୋଟ୍‌କୁ କହିଲା - ଦେଖ ଭଉଣୀ ! ଏବେ ଆମକୁ କାମ କରିବାର ସମୟ ଆସିଲା। ସେଥିପାଇଁ ଆମେ ପ୍ରସ୍ତୁତ ହେବା। ରେନକୋଟ୍‌ର ଚିନ୍ତାଧାରା କିନ୍ତୁ ଭିନ୍ନ ଥିଲା। ନିଜ ରୂପକୁ ନେଇ ସେ ଖୁବ୍ ଗର୍ବିତ। ଛତା କିନ୍ତୁ ସେମିତି ନଥିଲା। ରେନକୋଟ୍ ସବୁବେଳେ ଛତାକୁ ଖରାପ କହିବା ପାଇଁ ବାହାନା ଖୋଜୁଥିଲା। ଏହା ତାର ପୁରୁଣା ଶୈଳୀ। ସେ ସଦାସର୍ବଦା ଛତାକୁ ରୂପକୁ ଉପହାସ କରୁଥିଲା। ରେନକୋଟ୍ କହୁଥିଲା, 'ହଁ... ତୁମେ କେଉଁଠି ଏବଂ ମୁଁ କେଉଁଠି ? ତୁମେ ସମ୍ପୂର୍ଣ୍ଣ ପୁରୁଣା ଧରଣର। ତୁମର ରଙ୍ଗକୁ ଦେଖ ଏବଂ ମୋତେ ଦେଖ। ମୁଁ କେତେ ଆଧୁନିକ ଏବଂ ରଙ୍ଗୀନ। ପିଲାମାନେ ମୋତେ ଦେଖି ଭାରି ଖୁସି ହୁଅନ୍ତି। ଆଜିର ଆଧୁନିକ ଯୁଗରେ କିଏ ଛତା ବ୍ୟବହାର କରୁଛି ? ଦେଖ, ରୁନାର



ବାପା କ୍ରିସଙ୍କ ଭଳି ମୋତେ କଭର ଭିତରେ ରଖିଛନ୍ତି, ତୁମକୁ ବାକ୍ସର ଏକ କୋଣକୁ ଠେଲି ଦେଇଛନ୍ତି। ମନେ ପକାଅ, ଯେତେବେଳେ ରୁନାର ବାପା ମୋତେ କିଣିଥିଲେ, ସେତେବେଳେ ରୁନା ପାଇଁ ମଧ୍ୟ ଏକ ଛତା କିଣି ଦେଉଥିଲେ। କିନ୍ତୁ ରୁନା ତାଙ୍କ ବାପାଙ୍କ ପାଖରେ ଜିଦ୍ ଧରିଲା, ରେନକୋଟ୍ କିଣିବା ପାଇଁ। ଭଉଣୀ, ଏମିତି କାହିଁକି କହୁଛ ? ତୁମେ ଯେଉଁ କାମ କରୁଛ, ମୁଁ ମଧ ସେହି ସମାନ କାମ କରୁଛି। ଆମେ ଦୁହେଁ ଲୋକଙ୍କୁ ବର୍ଷା ଭିଜିବାରୁ ରକ୍ଷା କରିଥାଉ। ରୂପ ଓ ଆକାରରେ କେବଳ ପାର୍ଥକ୍ୟ। ଛତାଟି ଅତି ନମ୍ରତାର ସହିତ କହିଲା। ତା'ପରେ ସେ ପାଦର ଶବ୍ଦ ଶୁଣିଲା। ପାଦ ଶବ୍ଦରେ ବାକ୍ସ ଖୋଲିଲା। ମମି ପ୍ରଥମେ କୋଣରେ ଥିବା ଛତା ଉଠାଇଲେ ଏବଂ ଓଲଟ ପାଲଟ କରି ଦେଖିଲେ। ଏହା ଉପରେ ଟିକିଏ ଧୂଳି ଲାଗି ଯାଇଥିଲା। ଏହାକୁ ଦୁଇ ତିନି ଥର ଖୋଲି ବନ୍ଦ କରିଥିଲେ। ଛତାଟି ମଧ୍ୟ ଭଲ କାମ କରୁଥିଲା। ଅତିକମରେ ଗୋଟିଏ ବର୍ଷ କିମ୍ବା ଦୁଇଟି ବର୍ଷାଋତୁ ଚାଲିଯିବ। ମମି ଛତାଟିକୁ ସଫା କରି କାନ୍ଥର ଏକ କଣ୍ଟାରେ ଟାଙ୍ଗି ଦେଲେ। ମମିଙ୍କ କଥା ଶୁଣି ଛତ୍ରୀ ତାଙ୍କ ଉପଯୋଗିତାରେ ସନ୍ତୁଷ୍ଟ ହୋଇଗଲା। ଏହାପରେ ମା' ରେନ୍‌କୋଟ୍ ଆଡ଼କୁ ହାତ ବଢ଼ାଇଲେ। ରେନକୋଟ୍ ଅହଂକାରରେ ଫୁଲି ଯାଉଥିଲା। ଭାବିଲା ମମି ଏବେ ମୋତେ ବହୁତ ପ୍ରଶଂସା କରିବେ। ଭଲ ପାଇ ତାକୁ ଆଲମାରୀରେ ରଖିବେ। ବର୍ଷାର ଆବଶ୍ୟକତା ପଡ଼ିଲେ ତାହାକୁ ବାହାର କରିବେ। ମମି କଭରରୁ ବାହାର କରି ରେନକୋଟ ଦେଖିଲେ। ଯେଉଁ ସ୍ଥାନରେ ରେନକୋଟ୍ ରଖା ଯାଇଥିଲା, ସେହିଠାରୁ ଫୋଲ୍ଡ ହୋଇଯାଇଥିଲା। ଫୋଲ୍ଡ ସ୍ଥାନରୁ ରେନକୋଟ୍ ଟି ଫାଟି ଯାଇଥିଲା। ଏହାକୁ ଗତ ବର୍ଷ କିଣିଥିଲେ। ଭାବିଲେ କିଛି ଦିନ ଚଳିଯିବ। କିନ୍ତୁ ଏହା କେବଳ ସୁନ୍ଦର ଦେଖାଯାଉଥିଲା। କୌଣସି କାମରେ ଲାଗି ପାରିବ ନାହିଁ। ଏହାଠାରୁ ଭଲ ଛତା, ଯାହା ବର୍ଷା ଋତୁ ବ୍ୟତୀତ ଗ୍ରୀଷ୍ମ ଋତୁରେ ମଧ୍ୟ ବ୍ୟବହୃତ ହୁଏ। ପାଟିକରି ମା' କହିଲେ ରେନକୋଟ୍‌କୁ ଡଷ୍ଟବିନ୍‌ରେ ପକାଇଦିଅ। ଏହା କୌଣସି କାମକୁ ନୁହେଁ। ପରଦିନ ମ୍ୟୁନିସିପାଲିଟିର ଅଳିଆ ଆବର୍ଜନା ଗାଡି ନେଇ ଯାଇଥିଲା। ମ୍ୟୁନିସିପାଲିଟି ଗାଡିଚ ତାକୁ ଆବର୍ଜନା ଗଦାକୁ ଫିଙ୍ଗି ଦେଇଥିଲା। ରେନକୋଟ୍ ତାର ଭାଗ୍ୟକୁ ନେଇ ଲୁହ ଝରାଉଥିଲା। ସେ ମନରେ ଭାବୁଥିଲା, 'ମୋର ଭଲ ରୂପ ଥିଲେ କ'ଣ ହେଲା ? ମୋଠାରୁ ଭଲ ହେଉଛି ଛତା, ଯାହାକୁ ଏବେ ବି ଘରର ଲୋକମାନେ ବ୍ୟବହାର କରୁଛନ୍ତି। ରେନକୋଟ୍ ବୁଝିପାରିଲା ଯେ ରୂପ ଅପେକ୍ଷା ଆମର ଗୁଣବତ୍ତା ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ କାହାର ରୂପ ଦେଖି କେବେ ବି ତାଙ୍କୁ ଉପହାସ କରିବା ଉଚିତ୍ ନୁହେଁ, ବରଂ ତା'ର ଭଲ ଗୁଣକୁ ପ୍ରଶଂସା କରିବା ଉଚିତ୍।

ନୟାଗଡ଼, ମୋ-୯୪୩୭୯୮୫୮୬୬

# ନିମନ୍ତ୍ରଣ

ଶ୍ରୀଧର ପଟ୍ଟନାୟକ

ସାନଭାଇର ନବନିର୍ମିତ ଗୃହ ପ୍ରବେଶ ଲାଗି ଗହଳି ଚହଳି ଚାଲିଥିଲା। ପଡୋଶୀ ବଡ଼ଭାଇଙ୍କୁ ଡକାହକା କରିବା ପାଇଁ ସାନଭାଇର ସମୟ ହେଉନଥିଲା ବୋଧହୁଏ ; ଭୋର୍ ଛଅଟାରେ ଫୋନ୍ କରି ପଚାରିଦେଲା, ' କେତେ ବେଳେ ଆସୁଛ, ଆଜି ପରା ମୋ ଗୃହ ପ୍ରବେଶ ।' ବାସ୍ ଫୋନ୍ କଟିଗଲା। ମୂରବି ପଣ ତେଣିକି ଥାଉ, ନିମନ୍ତ୍ରଣ ତ ହୋଇଗଲା। ନୋହିଲେ ବନ୍ଧୁବାନ୍ଧବ ସବୁ ଉପଦେଶ ଦେବା ଲାଗି ମାଡିପଡନ୍ତେ ମନକୁ ମନ ବୁଝାଉଥିଲା ସାନଭାଇ। ପରମ୍ପରା ଅନୁଯାୟୀ ପୂଜାବିଧି ସରିଲା ପରେ ପ୍ରସାଦ ସେବନ ସହ ପ୍ରୀତିଭୋଜନ ଧୂମଧାମରେ ହେଲା। ଦେଖାନଥିଲା ବଡ଼ଭାଇ କି ଭାଉଜଙ୍କର। କେହି ଜଣେ ନିକଟତମ ଅଥଚ ପ୍ରବାସୀ ବନ୍ଧୁ ତା' ପରଦିନ ସନ୍ଧ୍ୟାରେ ବଡ଼ଭାଇଙ୍କୁ ପଚାରିଦେଲେ, 'କିଓ କଥା କ'ଣ ? କାଲି ଦେଖାନଥିଲା ! 'କହିବା ବାହୁଲ୍ୟ ପଡୋଶୀ ଅଗଣାରେ ଠିଆ ହୋଇ ପଚାରିବା ଯାହା ମାମଲତକାର କରିବା ବି ଠିକ୍ ସେଇଆ ଥିଲା। ବଡ଼ଭାଇ ମୁରୁକି ହସଟେ ଫୋପାଡି ଦେଇ ବିନମ୍ରତାର ସହ ପ୍ରତ୍ୟୁତ୍ତର ଦେଲା, 'ହଁ, ଆମେ ବାହାରିଥିଲୁ ଯେ', ସକାଳୁ ଉପରଓଳି ଯାଏଁ ବସ୍ ନଥିଲା। ଯିଏ ଯାହା ବୁଝୁ, ସାନଭାଇ ଠିକ୍ ଉତ୍ତର ପାଇଯାଇଥିଲା।



କଲ୍ୟାଣସିଂହପୁର, ରାୟଗଡ
ମୋ-୯୪୩୭୭୨୧୦୮୨

# ଅନୁଭୂତି

ନଗେନ୍ଦ୍ର ନାଥ ପଟ୍ଟନାୟକ

ସେ ସମୟର କଥା ଯେତେବେଳେ ଦି ହଜାର ଆଉ ଦି ଟଙ୍କାର ନୋଟ୍ ବଜାରରେ ପ୍ରଚଳିତ ଥିଲା। ଯୋଗକୁ ଥରେ ଗାନ୍ଧିମୁଣ୍ଡ ଥିବା ସେଇ ଦି ହଜାର ଆଉ ଦିଟଙ୍କିଆ ନୋଟ୍ ଜଣେ ବ୍ୟକ୍ତି ପକେଟ୍ ଭିତରେ ନିଜର ଜାଗାକୁ ପକ୍କା କରିନେଲେ। ଖଡ଼୍‌ଖଡିଆ ନୋଟ୍ ଦୁହେଁ ଥିଲେ ଅଚହ୍ନା ଅଜଣା। ସତେ ଯେପରି ଲୋକଟିର ପକେଟ ଭିତରେ ଦୁହେଁଯାକ ଅପରିଚିତ ଆଗନ୍ତୁକ। ସେଥିପାଇଁ କିଛି ସମୟ ଚୁପ୍‌ଚାପ୍ ଗୁମ୍‌ମାରି ବସିରହିଲେ। ଦୁଇଟଙ୍କିଆ ନୋଟ୍ ଖଣ୍ଡକି ଦି ହଜାର ନୋଟ୍‌ର ଚହଟ ଚିକଣ ରୂପକୁ ନିରେଖି ମନେ ମନେ ଖୁବ୍ ବରକ୍ତ ହେଉଥିଲା। ମୋଡାମୋଡି ହୋଇଥିବା ମଇଳା କୋଚଟା ଦି' ଟଙ୍କିଆ ନୋଟ୍‌ଟି ସହିତ ଚକ୍‌ମକିଆ ଦି ହଜାର ନୋଟ୍ କଥାବାର୍ତ୍ତା କରିବାକୁ ଚାହୁଁ ନଥିଲା। ଜଣଙ୍କ ପକେଟ୍‌ରେ ରହି ସେ ଦୁହେଁ କେତେ ବେଳଯାଏ ପରସ୍ପରଠୁ ଦୂରେଇ ରହି ତୁନି ପଡିବେ। ଅଗତ୍ୟା ଦୁହେଁ ତୁଣ୍ଡ ଖୋଲିଲେ। ଦୁହେଁ ଆଳାପ କରିବା ଆରମ୍ଭ କରିଦେଲେ। ଏଯାବତ କରିଥିବା ଯାତ୍ରା ସମ୍ପର୍କରେ ସେମାନେ ପରସ୍ପରର ଅନୁଭୂତି ବଖାଣିବାରେ ଲାଗିଲେ-କେଉଁ କେଉଁ ଜାଗାଦେଇ ଆସିଲେ, କାହା କାହା ହାତରେ ରହିଲେ ସେମାନଙ୍କୁ କିଏ କିଏ କିଣିନେଲେ ଇତ୍ୟାଦି ଇତ୍ୟାଦି। ଦି'ହଜାର ଟଙ୍କିଆ ନୋଟ୍‌ଟି ବଡିମା ଦେଖାଇ ଆରମ୍ଭ କଲା-'ମୁଁ ତ ଆରାମଦାୟକ ଜୀବନ ବିତେଇଛି। ମୁଁ ବିରାଟକାୟ ସୁଦୃଶ୍ୟ ହୋଟେଲର ଶୀତତାପନିୟନ୍ତ୍ରିତ କୋଠରି ଭିତରେ ଶୀତଳ ପବନ ଉପଭୋଗ କଲି। ଜଣେ ବିଶିଷ୍ଟ ଶିଳ୍ପପତିଙ୍କ ଦ୍ୱାରା ଆୟୋଜିତ ପାର୍ଟିରେ ମତେ ବ୍ୟବହାର କରାଗଲା। ଜଣେ ଚଳଚ୍ଚିତ୍ର ନାୟିକା ଥଣ୍ଡାପାନୀୟ କିଣିବାରେ ମତେ ଉପଯୋଗ କଲା।' 'ମୁଁ ଦାମିକା ପର୍ସରେ ବେଶ୍ ଅୟସ୍‌ରେ ରହିଲି' କହି ସେ ଦୁଇଟଙ୍କିଆ ନୋଟ୍‌ଟି ଆଡକୁ ନିରେଖି ଅନେଇଲା। ଏବେ ବିଚରା ଦୁଇଟଙ୍କିଆ ନୋଟ୍ ଖଣ୍ଡିକ କହିବା ଆରମ୍ଭ କଲା-'ମୋ ସହିତ ଏମିତି କିଛି ହେଲାନାହିଁ। ମୁଁ ଯା ତା ମଜୁରିଆଙ୍କ ହାତରେ ରହିଲି। ଅଥବା ମନ୍ଦିର ଦାନ ବାକସ୍‌ରେ ବନ୍ଦୀ ହୋଇ ଛଟପଟ୍ ହେଲି। ମୋର ବିନିମୟରେ କେବେ କେମିତି ଅଟା କିଣା ଯାଇଥିଲା କିମ୍ବା ପିଲାମାନଙ୍କ ପାଇଁ ଚକୋଲେଟ୍ କ୍ରୟ ହେଉଥିଲା। କିନ୍ତୁ ହଁ ! ଯେଉଁ ଲୋକମାନେ ମତେ ଦେବାଳୟରେ ଥିବା ଦାନ ବାକସ୍ ଭିତରେ ପକାଇଲେ ଆଉ ଯେଉଁମାନେ ଅଟା କିମ୍ବା ପିଲାକବିଲାଙ୍କ ପାଇଁ ସୁଆଦିଆ ଚୁଚୁମା ଖରଦି କଲେ ସେମାନଙ୍କ ମୁହଁରେ ଶାନ୍ତିଭାବ ଉକୁଟି ଆସିଥିଲା।

ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର
ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

# କ୍ୟାଲେଣ୍ଡର

ମନୋଜ କୁମାର ବେହେରା

ଏମିତି ନୁହେଁ କି ବେବି ନିଜ ରୁମ୍‌ରେ କେବେ ନବବର୍ଷର କୌଣସି କ୍ୟାଲେଣ୍ଡର ଟାଙ୍ଗି ନଥିବ। ହେଲେ ସେ ସବୁବେଳେ ରୁମ୍‌ରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡରକୁ କେବଳ କିଛି ପୃଷ୍ଠାର ଗୋଟିଏ ମାମୁଲି ଦସ୍ତାବିଜ୍ ବୋଲି ଭାବୁଥିଲା ଯାହା କାନ୍ଥରେ ଥିବା କଣ୍ଟାରେ ଟଙ୍ଗା ଏଥିପାଇଁ ହୋଇଥିଲା କି ସେ ସବୁ ମାସରେ ପଡୁଥିବା ତିଥିବାର ବିଷୟରେ ବତେଇ ପାରିବ। ବୋଧହୁଏ ଯା'କୁ ହିଁ ଜୀବନର ଜୁଆର-ଭ...। ବୋଲି କୁହାଯାଏ। ଆଜି ସେହି ବେବି, ଅଛି ଆଉ ଅଛି କାନ୍ଥରେ ଟଙ୍ଗା ହୋଇଥିବା କ୍ୟାଲେଣ୍ଡର। କିନ୍ତୁ ବଦଳି ଯାଇଥିଲା ପୂର୍ବରୁ ଦୁହିଁଙ୍କ ଭିତରେ ଥିବା ସମୀକରଣ। କାହିଁକିନା ଏହି ବର୍ଷର କ୍ୟାଲେଣ୍ଡରରେ ଡିସେମ୍ବର ମାସର ପୃଷ୍ଠାକୁ ଓଲଟାଇବାକୁ ଗଲା ବେଳକୁ ତା'ର ବଡ ବଡ ଆଖି ଦୁଇଟି ଓଦା ହେଇ ଯାଇଥିଲା ଲୁହରେ। କାହିଁକିନା କ୍ୟାଲେଣ୍ଡରରେ ଥିବା ଡିସେମ୍ବର ମାସର ପୃଷ୍ଠା ପରି ସେ ଥିଲା ବିଲକୁଲ୍ ଏକୁଟିଆ..ଆଉ ଉଦାସୀନ ହେଇ। ଦୀର୍ଘଶ୍ୱାସଟିଏ ବାହାରି ଆସିଲା ବେବିର ପଞ୍ଜରା ଥରେଇ। ସେ ଜାଣିଥିଲା ଏଇ ଶୂନ୍ୟତା, ଏଇ ଉଦାସପଣ ଆଉ କେବେବି ଦୂର ହେଇ ପରିବନି ତା'ଜୀବନର। କାହିଁକିନା ଏହି ବିତି ଯାଇଥିବା ବର୍ଷ ତା'ଠୁ ତା'ର ସେ ସବୁ କିଛି ଛଡେଇ ନେଇଥିଲା ଯାହାକୁ ଏହି ଦୁନିଆ ଖୁସି ବୋଲି କୁହେ। ତା'ର ସ୍ୱାମୀ ଆଉ କୁନି ଝିଅ ରିଆ ଯାହାଙ୍କୁ ନେଇ ତା'ର ଗୋଟିଏ ହସିଲା ପୁରିଲା ସଂସାର ଥିଲା ସେମାନଙ୍କୁ ତା'ଠୁ ସବୁଦିନ ପାଇଁ ଛଡେଇ ନେଇଥିଲା କରୋନା ମହାମାରୀ। ତେଣୁ ଏହି ବର୍ଷର କ୍ୟାଲେଣ୍ଡରକୁ ହୁଏତ ବେବି କାଢି ଦେଇ ପାରିବ କାନ୍ଥରୁ କିନ୍ତୁ ତା' ମନରୁ କାଢି ପାରିବନି କେବେବି।

ପ୍ଲଟ ନ ମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),
ଭୁବନେଶ୍ୱର-୨୨
ଫୋନ୍-
୭୯୭୮୮୩୦୬୧୧

# କଥା ରହିଯାଏ ନଥାଟିଏ ହୋଇ ଛାତିରେ

ସୁନନ୍ଦା ମହାନ୍ତି



ଖୋଲା ଗଳି ଥିବା ସାହିରେ ଘର ଖଣ୍ଡେ ସହରରେ ଥିଲା ବୃନ୍ଦାବନବାବୁ ଓ ମିନତୀଦେବୀଙ୍କର। ଘରଟି ଥିଲା ସ୍ୱର୍ଗପରି। ଖୋଲା ଅଗଣା ସାଙ୍ଗକୁ ଚାରିପଟେ ବାଲକୋନୀ। ମିନତୀଦେବୀଙ୍କର ବହୁଦିନର ସ୍ୱପ୍ନର ଘର ଯୋଉଠି ଖୋଲା ଅଗଣା ଥିବ, ଯୋଉଘର ଛାତ ଉପରୁ ଜଗନ୍ନାଥଙ୍କ ପତିତପାବନ ବାନା ଦେଖାଯାଉଥିବ। ଠିକ ସେମିତି ସବୁ ପାଇଥିଲେ ମିନତୀଦେବୀ। ଆଉ ବୃନ୍ଦାବନବାବୁଙ୍କ କଥା ନକହିଲେ ଭଲ। ଖୋଲା ଗଳି ରାସ୍ତାରେ ଚାରି ବିବାହିତା କନ୍ୟା ଓ ଦୁଇପୁଅଙ୍କ ଚାରିଚକିଆ ଲାଗିଗଲା ବେଳେ ଛାତି କୁଣ୍ଢେମୋଟ ହେଇଯାଉଥାଏ ପିତାଙ୍କର। ବେଳେ ବେଳେ ଘରୋଇ ଫଙ୍କସନମାନଙ୍କରେ ଯଥା ବଡପୁଅର ଏକମାତ୍ର ଝିଅ ଓ ସାଆନପୁଅରଏକମାତ୍ର ପୁଅର ଜନ୍ମଦିନ ଘରେ ହିଁ ଖୁବ ଯାକଜମକରେ ନହେଲେ ମଧ୍ୟ ଘରୋଇ ବନ୍ଧୁ ବାନ୍ଧବଙ୍କୁ ନେଇ ଗେଟ ଟୁଗେଦର କରାଯାଉଥିଲା ସତେ ଯେମିତି ସମ୍ବଲପୁର ମା ସମଲେଇ ପୀଠର ନୂଆଖାଇ ପରି ଭେଟଘାଟ ପର୍ବ। ଆଉ ସମସ୍ତଙ୍କ ଗାଡି ତାହା ଦୁଇଚକିଆ ହେଉ ଅବା ଚାରିଚକିଆ, ପାର୍କିଙ୍ଗ ଅସୁବିଧା ନଥିଲା ଯେଣୁ ଚଉଡା ଖୋଲା ଗଳିର ଚଉଡା ଘରଟି ଥିଲା ବୃନ୍ଦାବନବାବୁଙ୍କର। ଅନେକ ଥର ଛାତ ଉପରେ ଖିଆପିଆ ବେଳେ କେହି କେହି ଯଦି କୁହନ୍ତି ଆପଣ ଧନ୍ୟ ବୃନ୍ଦାବନବାବୁ. କୋଉ ପୁଣ୍ୟ ବଳରେ ପୁରୀ ସହରରେ ଖୋଲା ଗଳିରେ ଏତେବଡ ଓସାରିଆ ଘରଟିଏ ପାଇଛନ୍ତି। କେତେଜଣଙ୍କ ଭାଗ୍ୟରେ



ଏମିତି ଓସାର ଲମ୍ବା ଚଉକୋଣିଆ ଛାତ ଭାଗ୍ୟରେ ଥାଏ ? ବୃନ୍ଦାବନ ବାବୁଙ୍କ ଛାତି କୁଣ୍ଢେମୋଟ ହୋଇଯାଏ, ପାଦ ପାଞ୍ଚହାତରେ ପଡେ। ସେସବୁ ଦୂରରୁ ଲକ୍ଷକରି ପୁଅ ଝିଅ ଖୁସି ହୁଅନ୍ତି। ହେଲେ ବୃନ୍ଦାବନ ବାବୁ ପ୍ରତିଟି ସୁନେଲି ସକାଳେ କାନ୍ଦନ୍ତି କାହିଁକି ? ମାଆ ମିନତୀ ସବୁ ପାଇ ପଣତ ଓଦା କରନ୍ତି କାହିଁକି ? ବାପା କାନ୍ଦନ୍ତି ଏଇଥିପାଇଁକି ତାଙ୍କ ବାପା ବୋଉ ଓ ତାଙ୍କ ପିଲାଦିନ ମନେପକେଇ। ଆଉ ବୋଉ କାନ୍ଦେ ତା ଚାରିଝିଅ ସିନା ବାହାହୋଇ ତାଙ୍କ ସଂସାରରେ ରହିବା ସ୍ୱାଭାବିକ ହେଲେ ଦୁଇ ପୁଅ ଭୁବନେଶ୍ୱରରେ ନିଜ ନିଜ ଆପାର୍ଟମେଣ୍ଟ ଘରେ ରହିବା କଣ ନିହାତି ଜରୁରୀ ଥିଲା ! ତ ଏତେବଡ ଘରଟା ତାକୁ ମାଡ଼ିପଡ଼େ। ଏତିକି ବୁଝିଥିଲା ବଡ଼ଝିଅ ବୋଲି ପ୍ରତି ଶନିବାର ସକାଳୁଆ ସ୍କୁଲ ସାରି ବାପା ବୋଉଙ୍କୁ ଦେଖିବାକୁ ଆସୁଥିଲା। ସେତିକିରେ ବୁଝୁନଥିଲା ବୋଉର ମନ। ଘରେ ଦାଣ୍ଡଦୁଆରେ ଠିଆ ହୋଇ ଆଖି ପାଇଲା ପର୍ଯ୍ୟନ୍ତ ଖୋଲା ଗଳି ଶେଷ ମୁଣ୍ଡ ଯାଏଁ ଚାହିଁରହୁଥିଲା ବେଳେ ବୃନ୍ଦାବନବାବୁ ଡାକାନ୍ତି ଆରେ ମୁଁ ପରା ଅଛି ତମର ଅସୁବିଧା କଣ। ମିନତୀ କୁହନ୍ତି ମାଆ ମନ ତୁମେ ବାପା ହୋଇ କେମିତି ବୁଝିବ ! ସତକୁ ସତ ବୃନ୍ଦାବନବାବୁ ଚାଲିଗଲେ ମିନତୀଙ୍କୁ ଏକୁଟିଆ କରିଦେଇ। ମିନତୀ ସବୁ ଲୁହକୁ ଅଣ୍ଟିରେ ପୁରେଇ ଚା କପଟି ଧରି ଚାହିଁରହିଥାଆନ୍ତି ଖୋଲା ଗଳିର ଶେଷ ମୁଣ୍ଡ ଯାଏଁ, ତାଙ୍କ ସନ୍ତାନମାନଙ୍କ ଭିତରୁ କେହି ଆସୁଥିବ କି ? ସେଦିନ ପରୀକ୍ଷା ଖାତା ଦେଖା ଡିଉଟି ସାରି ବୋଉ ମିନତୀଙ୍କ ପାଖେ ପହଁଚିଲେ ତାଙ୍କ ବଡ଼ଝିଅ ରେବା। ଝିଅକୁ ଦେଖି ମିନତୀଙ୍କ ଗୋଡ଼ ପାଞ୍ଚ ହାତରେ। ସେତେବେଳକୁ ସମୟ ଚାରିଟା। ତଥାପି ରେବା ଫେରିପାରିବେ ଘରକୁ। ବୋଉ ମିନତୀ କିନ୍ତୁ କାମକରିବାକୁ ଆସୁଥିବା ମମତା ହାତରେ ଅଟା ଚକଟାଇସାରି ମଟର ବତୁରାଉ ଥାଆନ୍ତି ରୁଟି ସାଙ୍ଗକୁ ମଟର ତରକାରୀ କରିବା ପାଇଁ। ରେବା କହିଲେ ତୋର ପରା ଦେହ ଭଲନାହିଁ ବୋଉ ତୁ କାହିଁ ଛଟପଟ ହେଉଛୁ କହିଲୁ ? ମୁଁ ପରା ଏବେ ଫେରିଯିବି। ଏଁ ଫେରିଯିବୁ। ହଁ ବୋଉ ତତେ ଟିକେ ଦେଖିବି ବୋଲି ଆସିଥିଲି ମୁଁ ଫେରିନଗଲେ ଜୋଇଁ ତୋର ରୁଟି ଖାଇବାକୁ ହଇରାଣ ହେବେ। ବୋଉ ମିନତୀ ସ୍ଥାଣୁ ପାଲଟି ଗଲେ ସେଦିନ। ଅଟା କଣ କରିବି ? ମଟର ପାଣିରେ ବତୁରାଇଲି କିଏ ଖାଇବ କହୁ କହୁ ରେବା କହୁଥିଲେ କାଲି ଖାତା ଦେଖିସାରି ଏଇ ବେଳକୁ ଆସି ଖାଇନେବି କହି ବାହାରି ଆସିଥିଲେ ରେବା। ଆଜି ବୋଉ ମିନତୀ ବି ନାହାଁନ୍ତି କିନ୍ତୁ ସକାଳଟାରୁ ଆଖିରୁ ଲୁହ ଧାର ବହିଯାଉଛି ରେବାଙ୍କର। ଭାରି ମନେପଡୁଛି ବୋଉ। ଆଉ ସେଦିନ ଫେରିବନି ଜୀବନରେ କେବେ ଭାବି କାହିଁକି କେଜାଣି ଛାତି ଫାଟି ଯାଉଥିଲା ବେଳେ ସ୍ୱାମୀ କହିଲେ ଚାରିଦ୍ୱାର ଫିଟିଲାଣି ବଡ଼ମନ୍ଦିରର, ଚାଲ ଆଜି ବଡଦେଉଳରେ ଜଗନ୍ନାଥଙ୍କୁ ଦର୍ଶନ କରି ଆସିବା। ଧାଡି ଟପି କଟକଣାରେ ଦର୍ଶନକୁ ଯାଇହୁଏନି। ଏବେ ତ ଆଉ ସେକଥା ନାହିଁ। ଲୁଗାପଟା ପିନ୍ଧି ବାହାରିପଡିଲେ ରେବା। ତାଙ୍କ ଜନ୍ମମାଟି ପୁରୀର କଣ ଖାଲି ବରଂ ସମଗ୍ର ଓଡ଼ିଆଙ୍କ ପ୍ରାଣ ଜଗନ୍ନାଥ ଦର୍ଶନ ଭାଗ୍ୟରେ ଥିଲେ ମିଳେ। ସ୍ନାନ ପୂର୍ଣ୍ଣମୀ ଆସୁଛି। ସୁନାକୂଅର ଶହେ ଆଠ ଗରା ଗାଧେଇ ଦେହ ପଖାଳି ଥଣ୍ଡା ପାଉ ପାଉ ଜର ଭୋଗିବେ ବଡ଼ଠାକୁର, ଜଗନ୍ନାଥ ଓ ମାଆ ସୁଭଦ୍ରା ତ ପଟି ଦିଅଁ ଦର୍ଶନ କରିବାକୁ ପଡିବ। ଯା ହେଉ କେତେ ସୁନ୍ଦର ଦର୍ଶନ ପାଇ ଲକ୍ଷ୍ମୀମାଆ ମନ୍ଦିରରେ ବସି ରେବା ଓ ତାଙ୍କ ସ୍ୱାମୀ ଆପଲକ ଆଖିରେ ମାଆଙ୍କୁ ଚାହିଁରହିଥିବା ବେଳେ ସ୍ୱାମୀ ଦେଖିଲେ ଲକ୍ଷ୍ମୀମାଆଙ୍କୁ ଚାହିଁ ଝର ଝର କାନ୍ଦୁଛନ୍ତି ରେବା। କଣ ହେଲା ମୁଁ ପରା ତୁମ ପାଖରେ ଅଛି କହି ସାନ୍ତ୍ୱନା ଦେଉଥିବା ସ୍ୱାମୀଙ୍କ ମୁହଁକୁ ଚାହିଁଲେ ରେବା। ଲକ୍ଷ୍ମୀମାଆ ମୁହଁଟା ବୋଉ ଭଳି ଦିଶୁଥିଲା ରେବାଙ୍କ ଆଖିକୁ ତ ଲୁହ ସର ସର ଆଖିରେ ରେବା କହିଥିଲେ ବୋଉଲୋ। ଲକ୍ଷ୍ମୀମାଆ ଯେମିତି ଆଶ୍ୱାସନା ଦେଇ କହୁଥିଲେ ମନ ଉଣା କର ନାହିଁ ମାଆ ତୋ ସ୍ୱାମୀ ପରା ତୋ ପାଖରେ। ହେଲେ ବାପାତ ଏମିତି କହୁଥିଲେ ବୋଉକୁ ଯେ ମୁଁ ଅଛି ପରା ତେବେ ବୋଉକୁ ଏକୁଟିଆ କରି ଆଗ ବାଟ କାଟିଲେ। ଆଉ ମୋ କପାଳରେ କଣ ଅଛି ? ତୋ ସାଥିରେ ତୋ ବାପା ମାଆ ଅଛନ୍ତି। କିଏ କହି ପଛକୁ ଚାହିଁଲେ ରେବା। ଲକ୍ଷ୍ମୀମାଆ ମୁହଁଟା ଭାରି ହସିଲା ହସିଲା ଦେଖାଯାଉଥିଲା। ଘରକୁ ଫେରି ରେବା ରାଶିଫଳ ଦେଖୁଥିଲେ ତ ଲେଖାଥିଲା ବାପା ମାଆ ସର୍ବଦା ତୋ ପଛରେ ଅଛନ୍ତି। ରେବା କାନ୍ଦୁଥିଲେ ଭୋ ଭୋ। ମନେପଡୁଥିଲା ସେଦିନ ବୋଉ ପାଖରୁ ଫେରିଆସିବା ପରେ ବୋଉ କେତେ ବ୍ୟସ୍ତ ବିବ୍ରତ ହୋଇ ଖୋଲା ଗଳିର ଶେଷ ମୁଣ୍ଡ ଯାଏଁ ଚାହିଁନଥିବ ! ସ୍ୱାମୀ କହୁଥିଲେ ବାଢ଼ ଏଥର ଖାଇବା।

ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

# ରକ୍ଷା କବଚ

ପଦ୍ମାଳୟା ପାଢ଼ୀ

ନୀଳା ଦେବୀ ଅତି ମାତ୍ରାରେ ଆଧୁନିକ ନହେଲେ ମଧ୍ୟ ପୁରୁଣା କାଳିଆ ଲୋକଙ୍କ ଭିତରେ ଗଣା ହେବେ ନାହିଁ। ଶିକ୍ଷକତାରୁ ଅବସର ନେଇ ସାରି ଗୋଟିଏ ଆପାର୍ଟମେଣ୍ଟରେ ଏକୁଟିଆ ରହୁଥିଲେ। ଅତି ମାତ୍ରାରେ ସ୍ୱାସ୍ଥ୍ୟ ସଚେତନ ଶିକ୍ଷିତା ନାରୀ ଜଣେ। ମାତ୍ର ଚନ୍ଦ୍ରରେ କଳଙ୍କ ଭଳି ଗୋଟିଏ ବିକାର ତାଙ୍କ ପାଖରେ ଥିଲା ଯାହାକୁ ସେ ଛାଡି ପାରୁ ନଥିଲେ କଣ ଛାଡିବାକୁ ଚାହୁଁ ନଥିଲେ। ତାଙ୍କ ଆପାର୍ଟମେଣ୍ଟର ମଇଳା ସଫା କରୁଥିବା ପିଲାଟା ପ୍ରତି ଥିବା ଅହେତୁକ ଘୃଣାକୁ ସେ ବଜାୟ ରଖି ଚାଲିଥିଲେ। ସେ କହନ୍ତି ଦୁନିଆର ସବୁ ଭାଇରସ ବା ଜୀବାଣୁ ଏଇ ମାନଙ୍କ ଠାରେ ଥାଏ। ତେଣୁ ତାକୁ ଦେଖିଲେ ତାଙ୍କର ଖଣ୍ଡାଧାର ନାକଟି (ପତି ରମେଶଙ୍କ ମତରେ ଏହି ନାକ ଏବଂ ହଂସ ଗ୍ରୀବା ହିଁ ତାଙ୍କ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଛି) ଆପେ ଆପେ ଉପରରକୁ ଉଠିଯାଏ। ତାଙ୍କ ମତରେ ଏଗୁଡ଼ାକ କେତେ ପାପ କରିବାରୁ ସକାଳ ସନ୍ଧ୍ୟା ମଇଳାରେ ଘାଣ୍ଟି ହେଉଛନ୍ତି। ଏମାନେ ନୀଳା ଦେବୀଙ୍କ ସ୍ତରର ଲୋକଙ୍କ ସହ ଠିଆ ମଧ୍ୟ ହୋଇ ପାରିବେ ନାହିଁ। ନୀଳା ଦେବୀ ପତିଙ୍କ ମୃତ୍ୟୁ ପରେ ଆପାର୍ଟମେଣ୍ଟରେ ଗୋଟିଏ ଫ୍ଲାଟ ନେଇ ଏକୁଟିଆ ରହୁଥିଲେ। ପୁଅଟି ଓଡିଶା ବାହାରେ। ନିଜେ ସେ ସବୁ ବେଳେ ସ୍ୱାଧୀନଚେତା ତେଣୁ ଏକୁଟିଆ ରହିବାକୁ ଚାହାଁନ୍ତି। ପୁଣି ଏବେ ଗୋଡ ହାତ ଚାଲୁଛି ଏ ସମୟରେ ଯାଇ କାହାରି ସ୍ୱାଧୀନତାରେ ଅଯଥା ହସ୍ତକ୍ଷେପ କରିବାକୁ ପସନ୍ଦ କରନ୍ତି ନାହିଁ ସିଏ। ସବୁ ଠିକ ଠାକ ଚାଲି ଥିଲାବେଳେ ହଠାତ କରୋନାର ପ୍ରକୋପ ତାଙ୍କ ସହରରେ ମଧ୍ୟ ଆରମ୍ଭ ହୋଇଗଲା। ଚାରି ଆଡେ ଲକଡାଉନ। ସେ ଯେଉଁ ଆପାର୍ଟମେଣ୍ଟରେ ରହୁଥିଲେ ତାଙ୍କ ବ୍ଲକରେ ଚାରୋଟି ଫ୍ଲାଟ। ସମସ୍ତଙ୍କ ଯିବା ଆସିବା ଉପରେ କଟକଣା। ନା କେହି ଆସି ପାରିବେ ନା ଯାଇ ପାରିବେ। କାମବାଲୀ ଡ୍ରାଇଭର ଆପାର୍ଟମେଣ୍ଟର ଜଗୁଆଳିକୁ ମଧ୍ୟ ଭିତରକୁ ଆସିବା ମନା। ସୋସାଇଟିର ନିଷ୍ପତ୍ତି ମାନିବାକୁ ବାଧ୍ୟ। 'ମାତ୍ର ଏ ଯେଉଁ ପିଲାଟି ସଫା କରିବାକୁ ଆସୁଛି ତାକୁ କାହିଁକି ବାରଣ ନାହିଁ ? ଆମ ଅଳିଆ ତ ଆମେ ବାହାରେ ଫୋପାଡିବା ତେବେ ଏ ଚୁଚୁନ୍ଦ୍ରା ମୁହାଁ କାହିଁକି ଆସିବ ଏଠିକି। ଦୁନିଆ ରୋଗର ବାହକ' ! ଏ କଥା ସୋସାଇଟିରେ କହିବେ ବୋଲି ଭାବିଛନ୍ତି। ଏବେ ନୀଳା ଦେବୀ ମର୍ଣ୍ଣିଙ୍ଗ ୱାକ କରିବାକୁ ବାହାରକୁ ନଯାଇ ଆପାର୍ଟମେଣ୍ଟର ଛାତ ଉପରକୁ



ଯାଉଛନ୍ତି। ସେଠାରେ କିଛି ଗହଳି ନାହିଁ ଓ ପୁରା ଫାଙ୍କା। ଏତେ ପବନ ଯେ ପିଇ ଯିବାକୁ ମନ ହେଉଛି। ପଡିଆରେ ଏସବୁ କାହିଁ ? ଏମିତି ଚାଲି ଥିଲା ହେଲେ ନୀଳା ଦେବୀଙ୍କ ଏ ସୁଖ କିନ୍ତୁ ବେଶି ଦିନ ରହିଲା ନାହିଁ। ଆଜି ତାଙ୍କୁ ଟିକିଏ ଶୁଖିଲା କାଶ ହେଉଛି। ପୁଅ ଫୋନ କରି କଫି ଟିକେ ପି ଦିଅ କହିଲା। ବୋହୁ କହିଲା 'ମା ଛୋଟିଆ କଥା ଗୁଡିକ ଆପଣଙ୍କ ପୁଅଙ୍କୁ ନ କହିଲେ କଣ ଚଳନ୍ତା ନାହିଁ ? ଦେଖୁଛନ୍ତି ଘରୁ ଅଫିସ କାମ କରୁଛନ୍ତି। ମୋ ମା ଆପଣଙ୍କ ଠାରୁ ଢେର ବୟସ୍କ କିନ୍ତୁ ଏମିତି ପିଲାଙ୍କ ପରି ହୁଅନ୍ତି ନାହିଁ !! ନୀଳା ଦେବୀ ଅଯଥା କଥା ବଢ଼ାଇଲେ ନାହିଁ। ସେ ଜଣେ ଶ୍ୱାସ ରୋଗୀ। ମାତ୍ର ଖାଦ୍ୟ ଓ ବ୍ୟାୟାମ ଚାଲୁ ରଖି ଶ୍ୱାସକୁ ମାତ ଦେଇଛନ୍ତି। ତେଣୁ ଡାକ୍ତରଙ୍କ ପରାମର୍ଶ ସତ୍ତ୍ୱେ ବହୁତ କମରସ୍ତ ଔଷଦ ଖାଆନ୍ତି। ତା ବୋଲି ସବୁ ଦିନ ଏକା ଭଳି ଯାଏ କି। ଆଜିର କଥା ନିଆରା ଓ ଆଜି ଯାଇ ନାହାନ୍ତି ଛାତ ଉପରକୁ। ଏମିତିରେ ଦିନ ଦୁଇଟା ବାଜିଲା। କଣ ଟିକେ ରୋଷେଇ କରି ଖାଇ ଦେଇ ଶୋଇ ପଡିଲେ ସିନା ଶୋଇ ପାରିଲେ ନାହିଁ। ନିଶ୍ୱାସ ନେବାକୁ ଅସୁବିଧା ହେଉଛି। ନିଶ୍ୱାସ ନେଉଛନ୍ତି ମାତ୍ର ଏମିତି ଲାଗୁଛି ପବନ ଟିକେ ବି ଭିତରକୁ ଯାଉ ନାହିଁ। ଟିକେ ଚଳପ୍ରଚଳ ହେଲେ ହୁଏତ ଭଲ ଲାଗିବ। କିନ୍ତୁ କିଛି ଲାଭ ହେଲା ନାହିଁ। ଧୀରେ ଧୀରେ ସନ୍ଧ୍ୟା ପରେ ରାତ୍ରିର ଆଗମନ। ଯେ ଯାହା ଫ୍ଲାଟରେ ଅଛନ୍ତି। କେହି କାହା ଘରକୁ ଯିବେ ନାହିଁ। ପୁଣି ଶ୍ୱାସ ଜନିତ ସମସ୍ୟା ମାନେ କରୋନା ସନ୍ଦେହ। କେହି ପାଖ ମାଡ଼ିବେ ନାହିଁ। ପାଖାପାଖି ଯେତିକି ଔଷଦ ଦୋକାନ ଖୋଲା ଅଛି ହୋମ ଡେଲିଭେରୀର ବ୍ୟବସ୍ଥା ନାହିଁ। ଡାକ୍ତର ଇନହେଲର ଲେଖିଥିଲେ ମାତ୍ର ଦରକାର ନାହିଁ ଫିଟ ଅଛନ୍ତି ଭାବି ଆଣି ନଥିଲେ। ଲମ୍ବା ନିଶ୍ୱାସ ନେଇ ନେଇ ମୁହଁର ମାଂସପେଶୀ ଟାଣି ହେଉଛି। ଯେତିକି ପବନ ଝିକୁଛନ୍ତି ତାର ଦଶ ଭାଗରୁ ଭାଗେ ଭିତରକୁ ଯାଉଥିବ କି କଣ। ମୁଣ୍ଡ ଭିତର ଝିମ ଝିମ ହେଉଛି। ବାହାରକୁ ଆସିଲେ କେହି କୁଆଡେ ନାହିଁ। କେବଳ ସେ ଚୁଚୁନ୍ଦ୍ରା ମୁହାଁ ଟୋକା ଟା ଡିଉଟି ନଥିବାରୁ ବୁଲୁଛି ! ଦେଖିଲେ ରାଗ ମାଡୁଛି। ନୀଳା ଦେବୀ ଫ୍ଲାଟର କବାଟ ଖୋଲି ତଳେ ବସିଗଲେ। ଆଉ କିଛି କରିବା ଅବସ୍ଥା ନଥିଲା। ହଠାତ ପିଲାଟି କିଛି ଜାଣି ପାରିଲା ଭଳି ପଛକୁ ଫେରି ଚାହୁଁ ଥିଲା। ନାଁ ଆଗକୁ ଆସି ପାରୁଛି ନାଁ ପଛକୁ ଯାଉଛି। ନୀଳା ଦେବୀ ମଧ୍ୟ ଡାକି ପାରୁ ନାହାନ୍ତି। ପିଲାଟି ଫେରିଲା। ଫ୍ଲାଟର କବାଟ ଖୋଲା ଅଛି ଓ ନୀଳା ଦେବୀ ତଳେ ବସିଛନ୍ତି। ପିଲାଟା ଗାର୍ଡେନରେ ଥିବା ପାଇପରେ ହାତ ଗୋଡ ଧୋଇ ପକାଇ ଧୀରେ ଧୀରେ ନୀଳା ଦେବୀଙ୍କ ସାମ୍ନାକୁ ଆସିଲା। ହାତ ପାଦରୁ ପାଣି ବୋହି ପ୍ରମାଣ କରି ଦେଉଛି ଯେ ସେ ସଫା ସୁତରା। ମାଙ୍କଡ ମୁହାଁ କୋଉଠିକାର ! ନୀଳା ଦେବୀ ଯନ୍ତ୍ରଣା ଓ ଘୃଣାରେ ଅସ୍ଥିର। ପିଲାଟି ଠିଆ ହୋଇ ଜଣାଇବାକୁ ଚାହୁଁଛି ଯେ ଗୋଡ ହାତ ସଫା କରି ଆସିଛି। ଯେ କୌଣସି କାମ ତାକୁ ଦିଆ ଯାଇ ପାରିବ। ତାକୁ ଅସ୍ପଷ୍ଟ ସ୍ୱରରେ ଠାରି କରି ଯାହା କହିଲେ ତାର ମର୍ମ ହେଲା ବେଡ୍‌ରୁମରେ ଡାକ୍ତରଙ୍କ କାଗଜ ଅଛି। ସେ ଭିତରକୁ ଯିବ କି ନାହିଁ ନଭାବି ଶୋଇବା ଘରେ ପଶିଗଲା ଏବଂ ରୁମ ଭିତରୁ କାଗଜଟି ଆଣି ଦେଲା। ନୀଳା ଦେବୀ ହାତ ଠାରି ଆଙ୍ଗୁଠିରେ ଇନହେଲରର ନାଁ ଟିକୁ ଦେଖାଇଲେ। ପିଲାଟି ବାହାରକୁ ଦୌଡିଲା। ପବନଠୁ ଅଧିକା ବେଗରେ ଫେରିଲା ମଧ୍ୟ। ଇନହେଲର ଆଣିଲା ସିନା କିନ୍ତୁ ଖଞ୍ଜିବା ଆସୁନି। ନୀଳା ଦେବୀ କହିବା ଅବସ୍ଥାରେ ନଥାନ୍ତି। ପିଲାଟି ପୁଣି ଦୌଡିଲା ଓଷଦ ଦୋକାନକୁ। ଦୋକାନୀ ମେସିନ ଖୋଲି ଦେଖାଇ ଦେଲା କେମିତି ରୋଗୀକୁ ଦିଆ ଯାଏ। ପୁଣି ପବନ ବେଗରେ ଫେରିଲା। ସେତେ ବେଳକୁ ନୀଳା ଦେବୀଙ୍କ ଅବସ୍ଥା ସଙ୍କଟାପନ୍ନ। ଫ୍ଲାଟ ବାହାରେ କାନ୍ଥକୁ ଆଉଜି ବସିଥାନ୍ତି। ଆଖି ଧୀରେ ଧୀରେ ମୁଦି ହୋଇ ଆସୁଛି। ପିଲାଟି ତାଙ୍କ ବେକ ପଛରୁ ଧରି ମୁଣ୍ଡ ସିଧା କଲା। ତାପରେ ଔଷଦ ଦୋକାନୀର ନିର୍ଦ୍ଦେଶ ଅନୁସାରେ ମେସିନ ଧରି ବହୁତ କଷ୍ଟରେ ନୀଳା ଦେବୀଙ୍କ ମୁହଁ ପାଖରେ ଦେଇଥିଲା। ଶୋଷିବାକୁ ମଧ୍ୟ ତାଙ୍କ ପାଖରେ ଯେତିକି ପବନ ଦରକାର ସେତିକି ନଥିଲା। ସେ କିନ୍ତୁ ଛାଡୁ ନଥାଏ। ତିନି ଚାରି ଥର ଚେଷ୍ଟା କରି ଗୋଟିଏ ଥର ମାତ୍ର ଔଷଦ ନେଇ ପାରିଲେ। ପିଲାଟି ହସି ଦେଲା କାହିଁକି ନାଁ ଔଷଦ ଦୋକାନୀର ନିର୍ଦ୍ଦେଶକୁ ସେ ଠିକ ଭାବେ ପାଳନ କରି ପାରିଛି। ନୀଳା ଦେବୀ ବସି ରହିଥିଲେ ସେମିତି। ଘର ଭିତରକୁ ଚାଲି ଯିବା ପାଇଁ ତାଙ୍କୁ ଠାରିଲା। ନୀଳା ଦେବୀ ଏବେ କିଛିଟା ସୁସ୍ଥ ଅନୁଭବ କଲେଣି। ଭିତରକୁ ଯାଇ ସୋଫା ଉପରେ ସେମିତି ଶୋଇ ପଡିଛନ୍ତି ଏବଂ ଦରଜା ଖୋଲା ଅଛି। ସକାଳୁ ଆପାର୍ଟମେଣ୍ଟରେ କାହା ଘରେ ଆଲାର୍ମ ବାଜିବାରୁ ନିଦ ଭାଙ୍ଗିଲା। ଦେଖିଲେ ସୋଫା ଉପରେ ଅଛନ୍ତି ଏବଂ କବାଟ ଆଉଜା ହୋଇଛି। ରାତିରେ ତ ସେ କବାଟ ବନ୍ଦ କରି ପାରି ନଥିଲେ। ଏହାକୁ ଆଉଜେଇଲା ପୁଣି କିଏ ? ବାହାରକୁ ବାହାରିଲା ବେଳକୁ କାହାକୁ ଝୁଣ୍ଟି ପଡିଲେ। ପିଲାଟି ଦରଜା ବାହାରେ ଶୋଇଥିଲା ଏବଂ ତାର ହାତକୁ ନୀଳା ଦେବୀ ଝୁଣ୍ଟି ପଡିଥିଲେ। ତାଙ୍କୁ ସାମ୍ନାରେ ଦେଖି ପିଲାଟି ଉଠି ଯାଇ ଥିଲା ଏବଂ ଟିକେ ହସି ଦେଲା। ଏହା ପରେ ଯେମିତି ପବନ ବେଗରେ ଆସିଥିଲା ସେମିତି ଦୌଡ଼ି ଚାଲିଗଲା। ଏବେ ନୀଳାଦେବୀ ନିୟମିତ ସବୁ ଯାକ ଔଷଦ ଏବଂ ଇନହେଲର ନେଉଛନ୍ତି। ଦେହର ଅବସ୍ଥା ଠିକ ଠାକ ଅଛି। ହଠାତ ମନେ ପଡିଗଲା ଆରେ ଔଷଦ ପଇସା ତ ସେ ଦେଇ ନାହାନ୍ତି ତେବେ ସେ କେମିତି ଆଣିଲା ? ହାତରୁ ଦେଲା ନା କଣ ? ଲକଡାଉନ ଖୋଲିବା ପରେ ସେ ଯାଇ ଔଷଦ ଦୋକାନୀକୁ କାଗଜ ଦେଖାଇ ସବୁ ଘଟଣା କହିଥିଲେ। ଦୋକାନୀଠୁ ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ। ପିଲାଟି ଜନ୍ମରୁ ପୁଣି ମୂକ ବଧିର। ବାପା ମା ଉଭୟଙ୍କ ମୃତ୍ୟୁ ପରେ ଏବେ ଏକୁଟିଆ ଅଛି। ଆପାର୍ଟମେଣ୍ଟ ସଫା କରି ଯାହା କିଛି ପାଉଛି ସେଥିରେ ସେ ଚଳୁଚି। ସେଦିନ ସେ ସବୁ ଔଷଦ ମାଗଣାରେ ନୁହେଁ ପଇସା ଦେଇ ନେଇଥିଲା। ନୀଳା ଦେବୀ ଆଚମ୍ବିତ ହୋଇ ଯାଇ ଥିଲେ ଯେ ଏତେ କମ ବୟସରେ ସ୍ୱଳ୍ପ ରୋଜଗାର କରି ମଧ୍ୟ ପିଲାଟି ହାତରୁ ଖର୍ଚ୍ଚ କରି ଆଉ କାହାର ଜୀବନ ବଞ୍ଚାଇ ଥିଲା ପୁଣି ସାରା ରାତି ତାଙ୍କୁ ଘର ବାହାରେ ଜଗି ରହି ଥିଲା ? ସେ ପିଲାଟିକୁ କାହିଁକି ଆଉ ଦେଖୁ ନଥିଲେ କିମ୍ବା କୌଣସି ସଫେଇ କର୍ମଚାରୀଙ୍କୁ ଦେଖିଲେ ନାକ ଟେକୁ ନଥିଲେ। ମନକୁ ମନ କହିଲେ 'ତୁ ସିନା ମୂକ ବଧିର ମାତ୍ର ମୁଁ ତ ଆଖି ଥାଇବି ଅନ୍ଧ'।

ବ୍ରହ୍ମପୁର

# ଭାରତ ବିପକ୍ଷରେ ଶ୍ରୀଲଙ୍କାର ନୂଆ ଚାଲ୍

**କଲମ୍ବୋ**

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଟି-୨୦ ସିରିଜ୍ ଜୁଲାଇ ୨୭ରୁ ଆରମ୍ଭ ହେଉଛି । ଏହାପୂର୍ବରୁ ଉଭୟ ଦଳ ପ୍ରସ୍ତୁତି ଆରମ୍ଭ କରିଛନ୍ତି । ଶ୍ରୀଲଙ୍କା ଦଳର ଖେଳାଳିମାନେ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଦଳର ମୁଖ୍ୟ କୋଚ୍ ସନଥ ଜୟସୁରିଆ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜସ୍ଥାନ ରୟାଲ୍ସ ଡାଏରେକ୍ଟର ଅଫ୍ ହାଇ ପର୍ଫମାନ୍ସ ଜୁବିନ ଭରୁଚଙ୍କୁ ଡକାଯାଇଛି । ଭରୁଚ ଶ୍ରୀଲଙ୍କା ଖେଳାଳିଙ୍କୁ ବିଶେଷ ଟିପ୍ସ ଦେଇଥିଲେ । ଖେଳାଳିମାନେ ୬ ଦିନିଆ କର୍ମଶାଳାରେ ଭାଗ ନେଇଥିଲେ । ସନଥ ଜୟସୁରିୟା କହିଛନ୍ତି, ଆମେ ରାଜସ୍ଥାନ ରୟାଲ୍ସରୁ ଜୁବିନଙ୍କୁ ଡାକିଲୁ । ସେ କ୍ରିକେଟରଙ୍କ ସହ ୬ ଦିନିଆ କର୍ମଶାଳାରେ କାମ କରିଥିଲେ । ମୁଁ ଆଶା କରୁଛି ଖେଳାଳିମାନେ ବହୁତ କିଛି ଶିଖିଛନ୍ତି । ଅନ୍ତର୍ଜାତୀୟ କ୍ରିକେଟରଙ୍କ ପାଇଁ ନୂତନ ପ୍ରଯୁକ୍ତିବିଦ୍ୟା ବିଷୟରେ ଜାଣିବା ଗୁରୁତ୍ୱପୂର୍ଣ୍ଣ । ଏହା ସହିତ, ସଟ୍ ତିଆରି ମଧ୍ୟ ପ୍ରଭାବଶାଳୀ । ଭାରତ ବିପକ୍ଷ ଟି-୨୦ ସିରିଜ୍ ପାଇଁ ଶ୍ରୀଲଙ୍କା ଚରିଥ ଆସାଲଙ୍କାଙ୍କୁ ଅଧିନାୟକ ଭାବେ ନିଯୁକ୍ତ କରିଛି । ଏହି ଦଳରେ ପଥମ ନିସଙ୍କା, କୁସାଲ ପେରେରା ଏବଂ ଅଭିଷ୍କା ଫର୍ଣ୍ଣାଣ୍ଡୋ ମଧ୍ୟ ଅଛନ୍ତି । ଏହି ଦଳରେ ଦାସୁନ ଶନାକା ଏବଂ ୱାନିନ୍ଦୁ ହାସରାଙ୍ଗା ମଧ୍ୟ ଦଳରେ ସାମିଲ ହୋଇଛନ୍ତି । ଶ୍ରୀଲଙ୍କା ଦଳ ପକ୍ଷରୁ କଡ଼ା ପ୍ରତିଯୋଗିତାର ସମ୍ମୁଖୀନ ହେବାକୁ ଯାଉଛି । ସୂର୍ଯ୍ୟକୁମାର ଯାଦବଙ୍କ ଦ୍ୱାରା ପରିଚାଳିତ ଭାରତୀୟ ଦଳରେ ଶକ୍ତିଶାଳୀ ଖେଳାଳି ଅଛନ୍ତି । ଶୁଭମାନ ଗିଲ, ଯଶସ୍ୱୀ ଜୟସ୍ୱାଲ, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ ଏବଂ ଅକ୍ଷର ପଟେଲ ଏହି ଦଳର ଏକ ଅଂଶ । ଏହା ସହିତ ରିଙ୍କୁ ସିଂଙ୍କୁ ମଧ୍ୟ ଏକ ସୁଯୋଗ ଦିଆଯାଇଛି । ଟିମ୍ ଇଣ୍ଡିଆରେ ମହମ୍ମଦ ସିରାଜ, କୁଲଦୀପ ଯାଦବ, ଅର୍ଶଦୀପ ସିଂ ଏବଂ ଖଲିଲ ଅହମ୍ମଦ ଅଛନ୍ତି ।



# ପ୍ୟାରିସ ଅଲିମ୍ପିକ୍ସ : କ୍ୱାର୍ଟର ଫାଇନାଲରେ ଭାରତର ଉଭୟ ପୁରୁଷ ଓ ମହିଳା ତୀରନ୍ଦାଜୀ ଦଳ





**ପ୍ୟାରିସ**

ଶୁକ୍ରବାର ଠାରୁ ବିଧିବଦ୍ଧ ଭାବେ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ଆରମ୍ଭ ହେବ । କିନ୍ତୁ ଗୁରୁବାର ଭାରତ ତା'ର ବ୍ୟକ୍ତିଗତ ଓ ଟିମ୍ ର୍ୟାଙ୍କିଙ୍ଗ ରାଉଣ୍ଡ ଅଭିଯାନ ଆରମ୍ଭ କରିଛି ।

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ ଆରମ୍ଭ ହୋଇଯାଇଛି । ପ୍ରଥମରୁ ଏହା ଭାରତ ପାଇଁ ଶୁଭଙ୍କର ସାବ୍ୟସ୍ତ ହୋଇଛି । ଭାରତର ପୁରୁଷ ଓ ମହିଳା ତୀରନ୍ଦାଜୀ ଦଳ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି । ଗୁରୁବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଭାରତୀୟ ତୀରନ୍ଦାଜମାନେ ଚମତ୍କାର ପ୍ରଦର୍ଶନ କରିଥିଲେ । ଭାରତୀୟ ମହିଳା ଦଳରେ ଦୀପିକା କୁମାରୀ, ଅଙ୍କିତା ଭାକତ ଓ ଭଜନ କୌର ରହିଛନ୍ତି ପୁରୁଷ ଦଳରେ ଧୀରଜ ବୋମ୍ମାଦେଓରା, ତରୁଣଦୀପ ରାୟ ଓ ପ୍ରବୀଣ ରହିଛନ୍ତି ସେମାନଙ୍କ ମଧ୍ୟରେ ଧୀରଜଙ୍କ ପ୍ରଦର୍ଶନ ବହୁତ ଭଲ ଥିଲା ।

ଭାରତୀୟ ପୁରୁଷ ଦଳ ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ସେ ତୃତୀୟ ସ୍ଥାନରେ ରହିଥିଲେ । ଭାରତକୁ ୨୦୧୩ ପଏଣ୍ଟ ମିଳିଥିଲା । ଏଥିରେ କୋରିଆ ଶୀର୍ଷରେ ରହିଥିଲା । ତାଙ୍କୁ ୨୦୪୯ ପଏଣ୍ଟ ମିଳିଥିଲା । ଫ୍ରାନ୍ସ ୨୦୨୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି । ଭାରତ ବିଷୟରେ କହିବାକୁ ଗଲେ ଏହା ଚୀନ, ଜାପାନ ଓ ଇଟାଲୀ ସମେତ ଅନେକ ଦେଶକୁ ପଛରେ ପକାଇଦେଇଛି ।

ଭାରତୀୟ ପୁରୁଷ ଦଳର ତୀରନ୍ଦାଜମାନେ ବ୍ୟକ୍ତିଗତ ମାନ୍ୟତାରେ ଚତୁର୍ଥ ସ୍ଥାନରେ ରହିଛନ୍ତି । ସେ ୬୮୧ ପଏଣ୍ଟ ହାସଲ କରିଥିଲେ । ଏଥିରେ କୋରିଆର କିମ୍ ଉଜିଙ୍ଗ ଶୀର୍ଷରେ ରହିଥିଲେ । ଭାରତର ତରୁଣଦୀପ ରାୟ ୧୪ତମ ସ୍ଥାନରେ ରହିଥିଲେ । ତାଙ୍କୁ ୬୭୪ ପଏଣ୍ଟ ମିଳିଥିଲା । ସେହିପରି ପ୍ରବୀଣ ରମେଶ ଯାଦବ ୩୯ତମ ସ୍ଥାନରେ ଥିଲେ ।

# ସାରା ଜୀବନର ସାଥୀ ହେବେ ୨ ମହିଳା କ୍ରିକେଟର୍ : ସରିଲା ନିର୍ବନ୍ଧ

**ନୂଆଦିଲ୍ଲୀ**

ଇଂଲଣ୍ଡର ଉଇକେଟ କିପର-ବ୍ୟାଟ୍ସମ୍ୟାନ ଆମି ଜୋନ୍ସ ଏବଂ ଅଷ୍ଟ୍ରେଲୀୟ ବୋଲର ପିପ୍ପା କ୍ଲିରିଙ୍କ ନିର୍ବନ୍ଧ ସମ୍ପନ୍ନ ହୋଇଛି । ଦୁହେଁ ଦୀର୍ଘ ଦିନ ଧରି ପରସ୍ପରକୁ ଭଲ ପାଉଥିଲେ ଏବଂ ସେମାନଙ୍କର ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା । ବର୍ତ୍ତମାନ ବିବାହ ବନ୍ଧନରେ ଆବଦ୍ଧ ହେବା ପାଇଁ ମଧ୍ୟ ନିଷ୍ପତ୍ତି ନେଇଛନ୍ତି । କ୍ଲିରି ଏବଂ ଜୋନ୍ସ ହେଉଛନ୍ତି ମହିଳା କ୍ରିକେଟର । ଉଭୟେ ସୋସିଆଲ ମିଡିଆ ମାଧ୍ୟମରେ ସେମାନଙ୍କ ନିର୍ବନ୍ଧ ବିଷୟରେ ପ୍ରଶଂସକମାନଙ୍କୁ ଅବଗତ କରାଇଛନ୍ତି ।

ମହିଳା ବିଗ୍ ବ୍ୟାସ୍ ଲିଗ୍ ସମୟରେ କ୍ଲିରି ଏବଂ ଆମି ପ୍ରଥମେ ସାକ୍ଷାତ ହୋଇଥିଲେ । ଦୁହେଁ ପର୍ଥ ସ୍କୋରର୍ସ ପାଇଁ ଖେଳୁଥିଲେ । ଏହା ପରେ ଦୁହେଁ ବନ୍ଧୁ ହେଲେ । ସେମାନଙ୍କର ବନ୍ଧୁତା ପ୍ରେମରେ ପରିଣତ ହେଲା ଏବଂ ବର୍ତ୍ତମାନ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଆମି ଏବଂ କ୍ଲିରି ଏକ ଫଟୋ ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି । ପ୍ରଶଂସକମାନେ ଏଥିପାଇଁ ଅଭିନନ୍ଦନ ଜଣାଇଛନ୍ତି ।

ଜୋନ୍ସ ୨୦୧୯ରେ ଇଂଲଣ୍ଡ ପାଇଁ ଟେଷ୍ଟ ଡେବ୍ୟୁ କରିଥିଲେ । ଏହା ପରେ ସେ ଦିନିକିଆ ଏବଂ ଟେଷ୍ଟ ଦଳର ଏକ ଅଂଶ ହୋଇଛନ୍ତି । ସେ ଏପର୍ଯ୍ୟନ୍ତ ୬ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି । ଏହି ଅବଧି ମଧ୍ୟରେ ୧୧୬ ରନ ସ୍କୋର କରାଯାଇଛି । ସେ ୯୧ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି । ଏହି ଅବଧି ମଧ୍ୟରେ ୧୯୫୧ ରନ ସ୍କୋର କରିଛନ୍ତି । ସେ ୧୦୭ ଟି ଟି-୨୦ ମ୍ୟାଚ ମଧ୍ୟ ଖେଳିଛନ୍ତି । ଏହି ଅବଧି ମଧ୍ୟରେ ୧୫୧୫ ରନ ସ୍କୋର କରାଯାଇଛି । ଆମି ୨୦୧୩ରେ ଦିନିକିଆ ଡେବ୍ୟୁ କରିଥିଲେ ।



# ନୀତା ଅମ୍ବାନୀ ସର୍ବସମ୍ମତି କ୍ରମେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଦସ୍ୟା ନିର୍ବାଚିତ

**ପ୍ୟାରିସ୍**

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ପୁଣି ଥରେ ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷା ନୀତା ଅମ୍ବାନୀଙ୍କ ଉପରେ ବିଶ୍ୱାସ ପ୍ରକଟ କରିଛି । କମିଟି ପକ୍ଷରୁ ସର୍ବସମ୍ମତିକ୍ରମେ ତାଙ୍କୁ ଆଇଓସିର ସଦସ୍ୟା ଭାବରେ ନିର୍ବାଚିତ କରାଯାଇଛି ।



ସମୁଦାୟ ୯୩ ଭୋଟର ସେମାନଙ୍କର ଭୋଟ୍ ଦେଇଥିଲେ । ସମସ୍ତ ୯୩ ଭୋଟ୍ ନୀତା ଅମ୍ବାନୀଙ୍କ ସପକ୍ଷରେ ରହିଥିଲା । ତାଙ୍କୁ ସଦସ୍ୟଙ୍କ ୧୦୦ ପ୍ରତିଶତ ସମର୍ଥନ ମିଳିଥିଲା । ୨୦୧୬ରେ ରିଓ ଡି ଜେନେରିଓ ଅଲିମ୍ପିକ ଗେମ୍ସରେ ପ୍ରଥମ ଥର ପାଇଁ ନୀତା ଅମ୍ବାନୀ ଆଇଓସି ସଦସ୍ୟା ଭାବରେ ନିର୍ବାଚିତ ହୋଇଥିଲେ ।

ଏହି ଅବସରରେ ନୀତା ଅମ୍ବାନୀ କହିଛନ୍ତି, ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଦସ୍ୟା ଭାବରେ ପୁନଃ ନିର୍ବାଚିତ ହୋଇଥିବାରୁ ମୁଁ ନିଜକୁ ଅତ୍ୟନ୍ତ ସମ୍ମାନିତ ମନେକରୁଛି । ମୁଁ ସଭାପତି ଏବଂ ଆଇଓସିରେ ଥିବା ସମସ୍ତ ସହକର୍ମୀଙ୍କୁ ମୋ ଉପରେ ବିଶ୍ୱାସ ଏବଂ ଭରସା ରଖିଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଉଛି । ପୁନଃ ନିର୍ବାଚନ କେବଳ ମୋ ପାଇଁ ଏକ ବ୍ୟକ୍ତିଗତ ମାଇଲଖୁଣ୍ଟ ନୁହେଁ, ବରଂ ବିଶ୍ୱ କ୍ରୀଡ଼ା କ୍ଷେତ୍ରରେ ଭାରତର ବଢୁଥିବା ପ୍ରଭାବକୁ ମଧ୍ୟ ଦର୍ଶାଉଛି ।

ମୁଁ ପ୍ରତିଟି ଭାରତୀୟଙ୍କ ସହିତ ଏହି ଖୁସି ଓ ଗର୍ବର ମୁହୂର୍ତ୍ତ ବାଣ୍ଟିବା ସହ ଭାରତ ଏବଂ ସାରା ଦୁନିଆରେ ଅଲିମ୍ପିକ ଆନ୍ଦୋଳନକୁ ଆହୁରି ମଜଭୁତ କରିବା ପାଇଁ ତତ୍ପର ରହିଛି ।

ସୂଚନାଯୋଗ୍ୟ, ନୀତା ଅମ୍ବାନୀଙ୍କ ନେତୃତ୍ୱରେ ଭାରତ ୪୦ ବର୍ଷ ଅପେକ୍ଷା ପରେ ଆଇଓସିର ବାର୍ଷିକ ବୈଠକ ଆୟୋଜନ କରିଥିଲା । ୨୦୨୩ ମସିହାରେ ମୁମ୍ବାଇର ଜିଓ ୱାର୍ଲ୍ଡ ସେଣ୍ଟରରେ ଏହା ସଫଳତାର ସହିତ ଆୟୋଜିତ କରାଯାଇଥିଲା । ପ୍ରଥମ ଥର ପାଇଁ ନୀତା ଅମ୍ବାନୀଙ୍କ ନେତୃତ୍ୱରେ ଅଲିମ୍ପିକ୍ସରେ ଇଣ୍ଡିଆ ହାଉସ ନିର୍ମାଣ କରାଯାଇଛି । ଯାହା ପ୍ୟାରିସ ଅଲିମ୍ପିକ୍ସରେ ଭାରତୀୟ ଖେଳାଳି, ସମର୍ଥକ ଏବଂ ଦର୍ଶକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ।

# ରୋମାଞ୍ଚକର ହେବାକୁ ଯାଉଛି ଆଇପିଏଲ ୨୦୨୫

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ପରବର୍ତ୍ତୀ ସିଜନ୍ ବହୁତ ରୋମାଞ୍ଚକର ହେବାକୁ ଯାଉଛି । ଏଥର ଅନେକ ଖେଳାଳିଙ୍କ ପରିବର୍ତ୍ତନ ଦେଖିବାକୁ ମିଳିପାରେ । ବାସ୍ତବରେ, ଏଥର ଏକ ମେଗା ନିଲାମ ଅନୁଷ୍ଠିତ ହେବ । ଏଭଳି ପରିସ୍ଥିତିରେ ସମସ୍ତ ଦଳକୁ କେବଳ ୪-୪ ଖେଳାଳି ରଖିବାକୁ ଅନୁମତି ଦିଆଯିବ, ଅବଶିଷ୍ଟ ସମସ୍ତ ଖେଳାଳିଙ୍କୁ ମୁକ୍ତ କରିବାକୁ ପଡ଼ିବ । ତଥାପି କିଛି ଖେଳାଳି ମେଗା ନିଲାମ ପୂର୍ବରୁ ମଧ୍ୟଦଳ ପରିବର୍ତ୍ତନ କରିପାରନ୍ତି । ଏହି ସମୟରେ, ଆଇପିଏଲ ୨୦୨୫ ନିଲାମ ପୂର୍ବରୁ ବଡ଼ ଖବର ସାମ୍ନାକୁ ଆସିଛି ।



ରିପୋର୍ଟ ଅନୁଯାୟୀ, କେ.ଏଲ. ରାହୁଲ ଏବଂ ରିଷଭ ପନ୍ତ ନିଜ ନିଜ ଦଳ ଛାଡ଼ି ପାରନ୍ତି । ଏହାର ଅର୍ଥ ରାହୁଲ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ଏବଂ ପନ୍ତ ଦିଲ୍ଲୀ କ୍ୟାପିଟାଲ୍ସ ଛାଡ଼ପାରନ୍ତି । ଖବର ଅଛି ଯେ କେ.ଏଲ ରାହୁଲ ଲକ୍ଷ୍ନୌ ଛାଡ଼ି ରୟଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଯାଇପାରନ୍ତି । ରାହୁଲ ଏହା ପୂର୍ବରୁ ଆରସିବି ପାଇଁ ମଧ୍ୟ ଖେଳିଛନ୍ତି ।

ଯଦି ଗଣମାଧ୍ୟମର ରିପୋର୍ଟକୁ ବିଶ୍ୱାସ କରାଯାଏ, ତେବେ ଆଗାମୀ ନିଲାମ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ଏକ ବଡ଼ ଝଟ୍‌କା ପାଇପାରେ । ମୁମ୍ବାଇର ତିନି ମ୍ୟାଚ୍ ଜିତିଥିବା ଖେଳାଳି ଦଳ ଛାଡ଼ିପାରନ୍ତି । ଏଥିରେ ପୂର୍ବତନ ଅଧିନାୟକ ରୋହିତ ଶର୍ମା, ଷ୍ଟାର ଫାଷ୍ଟ ବୋଲର ଜସ୍‌ପ୍ରୀତ ବୁମ୍ରା ଏବଂ ଏକ ନମ୍ବର ଟି-୨୦ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ଦଳ ଛାଡ଼ିପାରନ୍ତି ।

ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତ ଚେନ୍ନାଇ ସୁପର କିଙ୍ଗ୍ସରେ ଯୋଗଦେବାର ଖବର ରହିଛି । ତେବେ ଏ ପର୍ଯ୍ୟନ୍ତ ଫ୍ରାଞ୍ଚାଇଜ କିମ୍ବା ଏହି ଉଇକେଟ୍ କିପର ବ୍ୟାଟ୍ସମ୍ୟାନ ଏ ସମ୍ପର୍କରେ କିଛି କହି ନାହାନ୍ତି । କିନ୍ତୁ ରିପୋର୍ଟରେ କୁହାଯାଇଛି ଯେ ଚେନ୍ନାଇ ସୁପର କିଙ୍ଗ୍ସ ରିଷଭ ପନ୍ତଙ୍କୁ ସେମାନଙ୍କ ଦଳରେ ଅନ୍ତର୍ଭୁକ୍ତ କରିପାରେ । ସେହିଭଳି କେ.ଏଲ ରାହୁଲ ଆରସିବିକୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି । ଗୁଜରାଟ ଟାଇଟାନ୍ସର କୋଚ୍ ଆଶିଷ ନେହେରା ମଧ୍ୟ ଦଳ ଛାଡ଼ିପାରନ୍ତି ବୋଲି ଖବର ରହିଛି ।

## ଗୁଣାତ୍ମକ ସହରୀ ଜୀବନଧାରଣ ମାନ ନିର୍ଦ୍ଧାରଣ ନେଇ ସର୍ଭେ ଆରମ୍ଭ

# ବିଶ୍ୱର ୧୧ ଉତ୍ତମ ବାସୋପଯୋଗୀ ସହର ମଧ୍ୟରେ ଭୁବନେଶ୍ୱର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ୟୁଏନ୍ ହାବିଟାଟ୍ ପକ୍ଷରୁ ସମଗ୍ର ବିଶ୍ୱରେ ୧୧ଟି ସହରକୁ ଚୟନ କରାଯାଇଛି । ଏହି ୧୧ ସହର ମଧ୍ୟରେ ଦକ୍ଷିଣ ଏସିଆ ମହାଦେଶରେ ଭୁବନେଶ୍ୱର ହେଉଛି ଏକମାତ୍ର ସହର, ଯାହାକୁ ୟୁଏନ୍ ହାବିଟାଟ୍ ପାଇଲଟ୍ ସହର ଭାବେ ଚୟନ କରିଛି । ଏଣୁ ଏହାକୁ ବିଏମ୍‌ସି ଗୁରୁତ୍ୱର ସହ ନେଇଛି । ଭୁବନେଶ୍ୱରବାସୀଙ୍କ ଜୀବନ ଧାରଣ ଗୁଣାତ୍ମକ ମାନ କିପରି ବୃଦ୍ଧି ପାଇବ ସେ ନେଇ ସର୍ଭେ ଆରମ୍ଭ ହୋଇଛି । ତା' ସହିତ ବିଏମ୍‌ସି ସହାୟତାରେ ୟୁଏନ୍ ହାବିଟାଟ୍‌ର ଦୁଇ ଦିନିଆ କର୍ମଶାଳା ଆରମ୍ଭ ହୋଇଛି । ଏଥିରେ ମେୟର ସୁଲୋଚନା ଦାସ, କମିସନର ରାଜେଶ ପ୍ରଭାକର ପାଟିଲ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ୟୁଏନ୍ ହାବିଟାଟ୍‌ର ଇନକ୍ଲୁସିଭ୍ ସିଟି ପ୍ଲାନିଂ ଏକ୍ସପର୍ଟ ପାରୁଲ୍ ଶର୍ମା ଯୋଗ ଦେଇଥିଲେ । ଗୁଣାତ୍ମକ ଜୀବନ ଧାରଣ ପ୍ରଣାଳୀ ଉପରେ ଆରମ୍ଭ ହୋଇଥିବା ଏହି କର୍ମଶାଳାରେ ବିଭିନ୍ନ ବିଭାଗର ୪୦ ଜଣ ବରିଷ୍ଠ ଅଧିକାରୀ ଭାଗ ନେଇଛନ୍ତି । ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷାବିତ୍‌ମାନେ ଯୋଗଦେଇ ଭୁବନେଶ୍ୱରରେ ଜୀବନ ଧାରଣର ଗୁଣାତ୍ମକମାନ ବୃଦ୍ଧି କରିବା ଉପରେ ମତ ରଖିଥିଲେ । ଏହି ଗୁଣାତ୍ମକମାନ କିଭଳି ହାସଲ କରିବାକୁ ହେବ ସେ ନେଇ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା ।

୯ଟି ବିନ୍ଦୁରେ ଆରମ୍ଭ ହୋଇଥିବା ସର୍ଭେ ୬ମାସରୁ ବର୍ଷେ ପର୍ଯ୍ୟନ୍ତ ଚାଲିବ । ଡାଟା ଆନାଲିସିସ୍, ଗୋଷ୍ଠୀ ଓ ଆର୍ଥିକ ବିକାଶ, ଜିଆଇଏସ୍, ଜନସ୍ୱାସ୍ଥ୍ୟ, ଦକ୍ଷତା ଅନୁଧ୍ୟାନ ବାଷ୍ଟ୍ରାଟେଜିକ୍ ପ୍ଲାନିଂ ସହ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା, କର୍ମଶାଳା ଏବଂ ଅନଲାଇନ ଓ ପ୍ରତ୍ୟକ୍ଷ ତଥ୍ୟର ଆଦାନ ପ୍ରଦାନ ହେବ । ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ସୂଚକାଙ୍କକୁ ନେଇ ଏକ ନୂତନ ଖସଡ଼ା ପ୍ରସ୍ତୁତ କରାଯିବ । ଚୂଡାନ୍ତ ଖସଡ଼ାକୁ ଭିତ୍ତି କରି ସହରୀ ଗୁଣାତ୍ମକ ଜୀବନ ଧାରଣ ପଦ୍ଧତିର ମାନ ନିର୍ଦ୍ଧାରଣ କରାଯିବ ବୋଲି ୟୁଏନ୍ ହାବିଟାଟ୍ ପକ୍ଷରୁ କୁହାଯାଇଛି । କର୍ମଶାଳାରେ ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବ ଶୁଭେନ୍ଦୁ କୁମାର ସାହୁ, ଆଇଏମଡିର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି, ଜନ ସଂଖ୍ୟା ଯୁଗ୍ମ ସଚିବ ହେମନ୍ତ କୁମାର ସିଂ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଶାଶ୍ୱତ କୁମାର ମହାନ୍ତି, ଇକୋନମିକ୍ ଆଣ୍ଡ ଷ୍ଟାଟିଷ୍ଟିକ୍ସର ସହକାରୀ ନିର୍ଦ୍ଦେଶକ ଏସ୍.ଏମ୍ ପଣ୍ଡାଙ୍କ ସମେତ ଜାତୀୟ ନମୂନା ସର୍ବେକ୍ଷଣ, ବାଣିଜ୍ୟ ଓ ପରିବହନ, ଓକାକ୍, ବିଡିଏ, ଉତ୍କଳ ବିଶ୍ୱବିଦ୍ୟାଳୟ, କିଟ୍, ଜାଭିୟର ବିଶ୍ୱବିଦ୍ୟାଳୟ, ୟୁନିସେଫ୍‌ରୁ ୪୦ ଜଣ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ଏହି ପାଇଲଟ୍ ଷ୍ଟଡିର ନୋଡାଲ ଅଫିସର ତଥା ବିଏମ୍‌ସି ସହକାରୀ କମିଶନର ଏନ୍. ଗଣେଶ ବାବୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ବଲାଙ୍ଗୀର ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ

# ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ଯୋଗଦାନ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ପିଆର ହାଇସ୍କୁଲ ଇଣ୍ଡୋର ଷ୍ଟାଡ଼ିୟମରେ ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆରମ୍ଭ ହୋଇଯାଇଛି । ବଲାଙ୍ଗୀର ଜିଲ୍ଲାପାଳ ଶୀବାଜୀ ଗୌରବ ଇସଲାର ମୁଖ୍ୟଅତିଥି ଓ ଏସ୍‌ପି ଋଷିକେଶ ଦ୍ୟାନ ଲାରୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି । ଜୁଲାଇ ୨୫ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଚାମ୍ପିଅନସିପ୍ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼, କଣ୍ଟାବାଞ୍ଜି, ଟିଟିଲାଗଡ଼, ତୁଷୁରା ସମେତ ଅନ୍ୟାନ୍ୟ ଅଞ୍ଚଳର ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଛନ୍ତି । ଉଭୟ ବାଳକ, ବାଳିକା ମିନିଟ୍ ସବ୍ ଜୁନିଅର, ଜୁନିଅର ପୁରୁଷ ଓ ମହିଳା ସମେତ ସମସ୍ତ ଭେଟେରାନ ବୟସ ବର୍ଗରେ ସିଙ୍ଗଲସ୍ ଓ ଡବଲ୍ସ ଚମ୍ପିୟାନସିପ୍ ପ୍ରତିଯୋଗିତା ହେବ । ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନର ସଂପାଦକ ସୁରୁଲାଲ ମଟାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ଶିବାଜୀ ଗୌରବ ଇସଲାର, ସମ୍ମାନିତ ଅତିଥି ଭାବରେ ଏସ୍‌ପି ଋଷିକେଶ ଦ୍ୟାନ ଲାରୀ, ପିଆର ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ଜିଲ୍ଲା କ୍ରୀଡ଼ାଧିକାରୀ ପରାସର ବାଘ, ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନର ସଭାପତି ଗୋପାଳ ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା ଉପସଭାପତି ଘନଶ୍ୟାମ ମିଶ୍ର ମଞ୍ଚାସୀନ ଥିଲେ । ଜିଲ୍ଲାପ୍ରଶାସନର ସହଯୋଗରେ ଓ ଜିଲ୍ଲା ବ୍ୟାଡ଼ମିଣ୍ଟନ ଆସୋସିଏସନ ଅନୁକୂଲ୍ୟରେ ଅନୁଷ୍ଠିତ ଏହି ଚାମ୍ପିୟନସିପ୍‌କୁ ୧୨ଜଣ ଟିଓ ଯଥା ଅନନ୍ତ ବେହେରା, ମାନସ ମହାନ୍ତି, ଆଶିଷ ଉପାଧ୍ୟାୟ, ରାଜକିଶୋର ଶତପଥି, ସିଦ୍ଧାର୍ଥ ମିଶ୍ର, ସୁଶାନ୍ତ ମହାନ୍ତି, ପବନ ସାହୁ, ବୈଷ୍ଣବ କବାଟ, ଉପେନ୍ଦ୍ର ଚନ୍ଦନ, ସ୍ୱରୂପ ପଧାନ, ସ୍ମରଣିକା ବେହେରା, ରୋଶନ ଜୈନ, ସୁରେନ୍ଦ୍ର ନେପାଳ, କବି ଠାକୁର, କାନୁ ଲାଲ, ଆକ୍ରମଣ ଖାଁ ପ୍ରମୁଖ ଖେଳ ପରିଚାଳନା କରୁଥିବା ବେଳେ ହେମନ୍ତ ପ୍ରଧାନ ଚିଫ୍ ରେଫ୍ରୀ ଏବଂ ଚନ୍ଦ୍ର ଶେଖର ମିଶ୍ର ସହକାରୀ ମୁଖ୍ୟ ରେଫ୍ରୀ ରେଫ୍ରି ଭାବେ ସମସ୍ତ ଖେଳ ପରିଚାଳନା ଦାୟିତ୍ୱରେ ଅଛନ୍ତି ।

ଜିଲ୍ଲାସ୍ତରରେ ଏଭଳି ଏକ ଅତ୍ୟାଧୁନିକ ଇଣ୍ଡୋରଷ୍ଟାଡ଼ିୟମ ଯେଉଁଠାରେ କି ବ୍ଲକ୍ ସ୍ତରରୁ ଜାତୀୟ ଚମ୍ପିୟନସିପ୍ ସଫଳତାର ସହ ଆୟୋଜନ ହୋଇସାରିଛି । ସେହି ଭିତ୍ତିଭୂମିରୁ ଆମ ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତ୍‌ମାନେ ନିଶ୍ଚୟ ସୁଫଳ ପାଇବେ ବୋଲି ଜିଲ୍ଲାପାଳ ଶ୍ରୀ ଇସଲାର କହିଥିଲେ । ସୁରୁଲାଲ ମଟାରୀ କାର୍ଯ୍ୟକ୍ରମ ଓ ଚମ୍ପିୟନସିପ୍ ବିଷୟରେ ସୂଚନା ଦେଇଥିଲେ ।




OFFICE OF THE EXECUTIVE ENGINEER (AGRIL.), KORAPUT DIVISION, JEYPORE
L-29
EmailId-eeagril.koraput@gmail.com
INVITATIONS FOR BIDS THROUGH e-Procurement
No- 1232 /Agril Date- 20.07.2024
Bid Identification No./e – Procurement Notice No.–E.E (Agril), Koraput Division, Jeypore – 01 / 2024-25

The Executive Engineer (Agril.), Koraput Division, Jeypore on behalf of Governor of Odisha invites Percentage Rate Bids in Single cover system for the works as detailed in table below.

| Sl. No. | Nos of the work / nature of work | Tender Value (Rs. In lakh) | Cost of Bid Documents (in Rs.) | EMD | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | 19 (Nineteen) Nos of Civil Works | Rs. 8.00 lakhs to Rs. 9.00 lakhs | Rs. 4000/- | 1% On Estimated Cost | C & D | 90 Days |

a) The bidders have to participate in ONLINE bidding only.
b) The web-site for "ONLINE BIDDING" is http://tendersorissa.gov.in.
c) Bid documents will be available in above Website from date. 26.07.2024 at 10.00 AM to Date. 01.08.2024 up to 5.30 P.M for "ONLINE BIDDING".
d) Date of original bid documents submission from dt. 26.07.2024 at 10.00 AM to Date. 05.08.2024 up to 5.30 P.M.
e) Bids shall be opened at 11:00AM on Dt. 06.08.2024.
f) The Tender Paper Cost will be deposited in shape of Bank Draft in favour of Executive Engineer (Agril), Koraput Division, Jeypore payable at Jeypore.
g) The EMD amount will be deposited in shape of Bank TDR duly pledged in favour of Executive Engineer (Agril), Koraput Division, Jeypore by the awarded contractor only at the time of agreement.
h) Henceforth all the correspondence will be made to the contractor / bidder through e-mail only (please quote your email with the tender paper.

The bidder must possess matching class compatible Digital Signature Certificate (DSC).
Further details and other terms and conditions can be seen from DTCN in the e- Procurement web site www.tendersorissa.gov.in.
*N.B: Subsequent corrigendum / addendum if required shall be available in the website as indicated above*

Sd/- Executive Engineer (Agril.)
Koraput Division, Jeypore
OIPR-01472/11/0001/2425

GOVERNMENT OF ODISHA
OFFICE OF THE SUPERINTENDING ENGINEER
QUALITY ASSURANCE DIVISION
UNIT-III, BHUBANESWAR
A-176
Email:-qcdbbsr_wr1997@yahoo.in
Detail Short Tender Call Notice No. QADBBSR-01 /2024-25

| | | |
|---|---|---|
| 1 | Name of the Work | "Outsourcing of Human Resources for Management of day to day activities of Quality Assurance Laboratory under the Superintending Engineer, Quality Assurance Division, Bhubaneswar." |
| 2 | No. of Works | 01 |
| 3 | Bid Identification No. | QADBBSR-01/2024-25 |
| 4 | Amount put to Tender | 3.65 Lakh |
| 5 | Cost of Tender Paper | Rs. 2000.00 |
| 6 | Date & Time of availability of Bid documents in the portal | From date 26.07.2024 (11:00 AM) to dated 14.08.2024 (3:00 PM) |
| 7 | Time of receipt of Bids in the O/o the Superintending Engineer, Quality Assurance Division, Bhubaneswar | From date 26.07.2024 (11:00 AM) to dated. 14.08.2024 (3:00 PM) |
| 8 | Date & time of opening of tender | 14.08.2024 (4:00 PM ) in the O/o the Superintending Engineer, Quality Assurance Division, Bhubaneswar |
| 9 | Name & address of the Officer inviting Bid | Superintending Engineer, Quality Assurance Division, Bhubaneswar |

1. Further details can be seen in the office of the undersigned during office and also in the departmental website www.dowr.odisha.gov.in
2. Any addendum/Corrigendum/Cancellation to the above notice will be published in the above website only.

Sd/- Superintending Engineer
Quality Assurance Division, Bhubaneswar
OIPR-32219/11/0001/2425

## ଭାରତ ବିପକ୍ଷ ସିରିଜ୍ ପୂର୍ବରୁ ଶ୍ରୀଲଙ୍କାକୁ ବଡ଼ ଝଟ୍‌କା

**ନୂଆଦିଲ୍ଲୀ**

ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଏକ ତିନି ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ ଖେଳାଯିବ । ଏହି ସିରିଜ୍ ପୂର୍ବରୁ ଶ୍ରୀଲଙ୍କା ଦୁଇଟି ବଡ଼ ଝଟ୍‌କା ଲାଗିଛି । ପ୍ରଥମେ ଦଳର ଷ୍ଟାର ଦ୍ରୁତ ବୋଲର ଦୁଷ୍ମନ୍ଥା ଚମିରା ବାଦ୍ ପଡ଼ିଥିଲେ । ବର୍ତ୍ତମାନ ଅନ୍ୟ ଦ୍ରୁତ ବୋଲର ନୁୱାନ ଥୁଶାରା ମଧ୍ୟ ବାଦ୍ ପଡ଼ିଛନ୍ତି । ଅଭ୍ୟାସ ସମୟରେ ଥୁଶାରା ଆହତ ହୋଇଥିଲେ । ଟିମ୍ ମ୍ୟାନେଜର ମହିନ୍ଦା ହାଲାଙ୍ଗୋଡା ନୁୱାନଙ୍କ ଆଘାତ ବିଷୟରେ ସୂଚନା ଦେଇଛନ୍ତି ।

ଟିମ ମ୍ୟାନେଜର କହିଛନ୍ତି, ନୁୱାନ ଥୁଶାରାଙ୍କ ବାମ ଆଙ୍ଗୁଠିକୁ ଆଘାତ ଲାଗିଛି । ଯଦିଓ ସେ ଡାହାଣ ହାତରେ ବୋଲିଂ କରନ୍ତି, ଆଘାତ ଏତେ ଗୁରୁତର ଥିଲା ଯେ ତାଙ୍କୁ ଦଳରୁ ବାଦ୍ ପଡିଛନ୍ତି । ଫିଲ୍ଡିଂ ଅଭ୍ୟାସ ସମୟରେ ନୁୱାନ ଥୁଶାରା ଆହତ ହୋଇଥିବା ଟିମ ମ୍ୟାନେଜର କହିଛନ୍ତି । ଶ୍ରୀଲଙ୍କା ପୂର୍ବରୁ ବାହାରେ ଥିବା ଦୁଷ୍ମନ୍ଥା ଚମିରାଙ୍କ ସ୍ଥାନରେ ଅସୀତା ଫର୍ଣ୍ଣାଣ୍ଡୋଙ୍କୁ ଦଳରେ ସାମିଲ କରିଛନ୍ତି ।

## ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ୍ ନିଷ୍ପତ୍ତି

# ଏଣିକି ଓଡ଼ିଆରେ ଆଇନ୍ ପାଠ ପଢ଼ା ହେବ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏଣିକି ଓଡ଼ିଆରେ ଆଇନ ପାଠ ପଢ଼ିବେ ଛାତ୍ରଛାତ୍ରୀ । ଶ୍ରେଣୀରେ ଶିକ୍ଷାଦାନଠାରୁ ଆରମ୍ଭ କରି ପରୀକ୍ଷା ପ୍ରଶ୍ନପତ୍ର ସବୁ କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟବହାର କରାଯିବ । ଓଡ଼ିଆ ଅସ୍ମିତାକୁ ଦୃଷ୍ଟିରେ ରଖି ପ୍ରଥମଥର ନିମନ୍ତେ ରାଜ୍ୟରେ ଓଡ଼ିଆ ଭାଷାରେ ଶିକ୍ଷାଦାନ କରିବା ନିମନ୍ତେ ନିଷ୍ପତ୍ତି ନେଇଛି ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ । ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଆଇନ ପାଠ୍ୟକ୍ରମକୁ ଓଡ଼ିଆରେ ପଢ଼ାଯିବ । ଆସନ୍ତା ୨୦୨୫-୨୦୨୬ ଶିକ୍ଷାବର୍ଷରୁ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ । ଛାତ୍ରଛାତ୍ରୀ ନାମଲେଖା ସମୟରେ ଦୁଇଟି ବିକଳ୍ପ ଭାଷାରେ ଶିକ୍ଷାଗ୍ରହଣ ଏବଂ ପରୀକ୍ଷା ଦେବା ନିମନ୍ତେ ମନୋନୟନ କରିବାକୁ ହେବ । ଏବେ ନିୟମିତ ଭାବେ ଇଂରାଜୀ ଭାଷାରେ ଶିକ୍ଷାଦାନ ଚାଲୁଥିବା ବେଳେ ଆଗାମୀ ଶିକ୍ଷାବର୍ଷଠାରୁ ଓଡ଼ିଆ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା କରାଯିବ । ପ୍ରାଥମିକ ପର୍ଯ୍ୟାୟରେ ୩ ବର୍ଷିଆ ସ୍ନାତକ ଏଲ୍‌ଏଲ୍‌ବି ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରାଯାଇଛି । ପାଠ୍ୟପୁସ୍ତକ, ପରୀକ୍ଷା ପ୍ରଶ୍ନପତ୍ରରେ ଓଡ଼ିଆ ଭାଷାରେ ପ୍ରଶ୍ନ ଆସିବ । ଯଦି କୌଣସି ଛାତ୍ରଛାତ୍ରୀ ଓଡ଼ିଆ ଭାଷା ଥିବା ପ୍ରଶ୍ନପତ୍ର ବୁଝି ନ ପାରନ୍ତି, ସେମାନଙ୍କ ନିମନ୍ତେ ପ୍ରଶ୍ନପତ୍ରରେ ଇଂରାଜୀର ବିକଳ୍ପ ରହିବ । ଛାତ୍ରଛାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି । ଅନ୍ୟପକ୍ଷରେ ପରବର୍ତ୍ତୀ ସମୟରେ ୫ବର୍ଷିଆ ବିଏ ଏଲଏଲବି, ଏଲଏଲଏମ ଏବଂ ପି.ଏଚ୍‌ଡି ପାଠ୍ୟକ୍ରମରେ ମଧ୍ୟ ଓଡ଼ିଆ ଭାଷାକୁ ସାମିଲ ନିମନ୍ତେ ଯୋଜନା ରଖାଯାଇଛି । ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସବୁ ମହାବିଦ୍ୟାଳୟରେ ଓଡ଼ିଆ ଭାଷାରେ ପାଠପଢ଼ା ହେବ ବୋଲି କୁଳପତି ପ୍ରଫେସର ଡ. କମଲଜିତ୍ ସିଂହ ସୂଚନା ଦେଇଛନ୍ତି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନାମରେ ନାମିତ ଏହି ଶିକ୍ଷାନୁଷ୍ଠାନ ୨୦୨୧ ମସିହାରେ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଥିଲା । ପ୍ରାୟ ୩ବର୍ଷ ପୂରଣ ହୋଇସାରିଥିବାବେଳେ ରାଜ୍ୟର ଏକମାତ୍ର ଆଇନ ବିଶ୍ୱବିଦ୍ୟାଳୟ ଭାବେ କାର୍ଯ୍ୟକ୍ଷମ ରହିଛି । ବୁଧବାର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟର ୧୧ତମ ସିଣ୍ଡିକେଟ ବୈଠକ ଅନୁଷ୍ଠିତ ହୋଇଥିଲା । କୁଳପତି ପ୍ରଫେସର ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ । ସମସ୍ତ ସିଣ୍ଡିକେଟ ସଦସ୍ୟ ଉପସ୍ଥିତ ଥିଲେ । ଉଚ୍ଚ ଶିକ୍ଷା ବିଭାଗର ସଚିବ ମଧ୍ୟ ସଦସ୍ୟ ଭାବେ ବୈଠକରେ ସାମିଲ ହୋଇଥିଲା । ବିଶ୍ୱବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ ସମେତ ଛାତ୍ରଛାତ୍ରୀଙ୍କୁ ସମସ୍ୟାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା । ବିଶେଷ କରି ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷାର ବିକାଶ ଦିଗରେ ଗୁରୁତ୍ୱ ଦିଆଯାଉଥିବାରୁ ପାଠ୍ୟକ୍ରମଗୁଡ଼ିକରେ ଓଡ଼ିଆରେ ପଢ଼ାଯିବାକୁ ଆଲୋଚନା ହୋଇଥିଲା । ଏହି ପ୍ରସ୍ତାବକୁ ସିଣ୍ଡିକେଟ୍‌ରେ ପାରିତ କରାଯାଇ ରାଜ୍ୟ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପଠାଯାଇଛି । ଯେଉଁ ଛାତ୍ରଛାତ୍ରୀ ୬ଷ୍ଠ ସେମିଷ୍ଟରରେ ଅକୃତକାର୍ଯ୍ୟ ହୋଇଥିଲେ ସେମାନଙ୍କୁ ପୁଣି ଥରେ ପରୀକ୍ଷା ଦେବାକୁ ସୁଯୋଗ ପ୍ରଦାନ ନିମନ୍ତେ ସ୍ଥିର ହୋଇଥିଲା । ବୈଠକରେ ପ୍ରକଳ୍ପ କାର୍ଯ୍ୟ ଏବଂ ସମାବର୍ତ୍ତନ ଉତ୍ସବ ପାଇଁ ଆଲୋଚନା କରାଯାଇଥିଲା । ନୂତନ ଶିକ୍ଷା ନୀତିରେ ସରକାରଙ୍କ ପକ୍ଷରୁ ଆଞ୍ଚଳିକ ଭାଷାର ଦିଆଯାଇଛି । ସେ ବ୍ୟବହାରକୁ ଗୁରୁତ୍ୱ ଦୃଷ୍ଟିରୁ ଆଇନ ଛାତ୍ରଛାତ୍ରୀଙ୍କର ଓଡ଼ିଆରେ ଶିକ୍ଷାଦାନ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଆଲୋଚନା କରାଯାଇଥିଲା ।









ଭୁବନେଶ୍ୱର : ୧୬୫ତମ ଆୟକର ଦିବସ ପାଳନ ଅବସରରେ ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି ଆୟକର ବିଭାଗର ପ୍ରିନ୍‌ସପାଲ ଚିଫ୍ କମିଶନର ବୀର ବିର୍ସା ଏକ୍କା ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ମୌସୁମୀ ସମୟରେ ରେଲୱେ ଟ୍ରାକର ନୀରିକ୍ଷଣ ପାଇଁ ଭାରତୀୟ ରେଳବାଇର ପଦକ୍ଷେପ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ରେଳବାଇରେ ରେଳ ବ୍ରିଜ୍ ଏବଂ ଟ୍ରାକ୍ ଯାଂଚର ଏକ ପ୍ରତିଷ୍ଠିତ ବ୍ୟବସ୍ଥା ଅଛି । ରେଲୱେ ଟ୍ରାକର ନୀରିକ୍ଷଣ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଯୁକ୍ତ ଅଧିକାରୀଙ୍କ ଦ୍ୱାରା କରାଯାଏ । ନିୟମିତ ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ସହିତ, ସାଙ୍କେତିକ ପ୍ରଣାଳୀର ସଠିକ୍ କାର୍ଯ୍ୟକାରିତା ସୁନିଶ୍ଚିତ କରିବାକୁ ମୌସୁମୀ ସମୟରେ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ ଯାଉଅଛି । ୟାର୍ଡ ଡ୍ରେନ୍ ସଫା କରିବା ଦ୍ୱାରା ୟାର୍ଡରେ ଡ୍ରେନେଜ୍ ବ୍ୟବସ୍ଥା ଉନ୍ନତ ହୁଏ । ଟ୍ରାକ୍ ସର୍କିଟ୍ ବିଫଳତା ପାଇଁ ଚିହ୍ନିତ ଅସୁରକ୍ଷିତ ସ୍ଥାନଗୁଡିକ ଠାରେ ପୂର୍ବରୁ ସଜାଗ । ପଏଂଟ ଏବଂ ଟ୍ରାକ୍ ସର୍କିଟ୍ ର ମିଳିତ ଯାଂଚ ଟ୍ରାକ୍ ଏବଂ ସିଗନାଲ୍ ଅଧିକାରୀଙ୍କ ଦ୍ୱାରା କରାଯାଏ ଏବଂ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରାଯାଏ । ଜଳ ବନ୍ଦୀ କରୁଥିବା ସମ୍ବେଦନଶୀଳ ସ୍ଥାନମାନଙ୍କରେ ଆକ୍ସଲ୍ କାଉଂଟର ଯୋଗାଇ ଦିଆଯାଉଛି । ସମ୍ବେଦନଶୀଳ ରେଳ ଧାରଣା ଠାରେ ମୌସୁମୀ ସମୟରେ ପାଟ୍ରୋଲିଂ ବ୍ୟବସ୍ଥା, ଜଗୁଆଳି ନିୟୋଜନ, ପ୍ରବଳ ବର୍ଷା ହେଲେ ଟ୍ରାକର ସ୍ୱତନ୍ତ୍ର ପାଟ୍ରୋଲିଂ ଭଳି ସ୍ୱତନ୍ତ୍ର ସତର୍କତା ଅବଲମ୍ବନ କରାଯାଏ । ପାଣିପାଗ ସୂଚନା ପାଇଁ ଏବଂ ଜଳଭଣ୍ଡାର / ଡ୍ୟାମରୁ ଅଧିକ ଜଳ ଛାଡିବା ବିଷୟରେ ସୂଚନା ପାଇବା ପାଇଁ ସଂପୃକ୍ତ ଆଂଚଳିକ ପାଣିପାଗ କେନ୍ଦ୍ର ଏବଂ ଜିଲ୍ଲା ଅଧିକାରୀ ମାନଙ୍କ ସହିତ ସମନ୍ୱୟ ରକ୍ଷା କରାଯାଇଥାଏ । ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତରରେ ରେଳ, ସୂଚନା ଏବଂ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ପ୍ରବଳ ବର୍ଷାଜନୀତ ବନ୍ୟା ପରିସ୍ଥିତି ସମୟରେ ରେଳ ଚଳାଚଳ କ୍ଷେତ୍ରରେ ବାଧାକୁ ହ୍ରାସ କରିବା ସହ ଟ୍ରେନ ଗୁଡିକର ନିରାପତା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ସାବଧାନତା ଓ ସୁରକ୍ଷିତ ପଦକ୍ଷେପମାନ ଯୋଜନା କରାଯାଇ ସତର୍କତା ଅବଲମ୍ବନ କରାଯିବାକୁ ମଧ୍ୟ ଯୋଜନା କରାଯାଇଛି । ମୌସୁମୀ ସମୟରେ ପ୍ରାକ୍ ସାବଧାନତା ଅବଲମ୍ବନ ପାଇଁ ପୂର୍ବ ତଟ ରେଳପଥ ନିରାପତାକୁ କଡ଼ାକଡ଼ି କରିଛି । ରେଳ ପୋଲ, ଟ୍ରକ, ୱାର୍ଡ, ସାଙ୍କେତିକ ପ୍ରଣାଳୀ ପ୍ରତି ସତର୍କ ଦୃଷ୍ଟି ରଖାଯାଇଅଛି । ଡ୍ରେନ ଓ ପୋଲ ମାନଙ୍କରୁ ପଟୁମାଟି, ଝାଡ଼ି ଓ ଅନ୍ୟ ବାଧକକୁ ସଫା କରାଯାଇଅଛି । ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ଜଗୁଆଳି ପ୍ରହରା କରାଯିବ । ବର୍ଷା ସମୟରେ ଟ୍ରେନ ଟ୍ରାକ ନିରାପତା ପାଇଁ ଗ୍ୟାଙ୍ଗ ମ୍ୟାନ ନିୟୋଜନ, ସଙ୍କଟକାଳୀନ ପରିସ୍ଥିତିରେ ଅତିରିକ୍ତ ନିୟନ୍ତ୍ରଣ କକ୍ଷ ସହ ଆପାତକାଳୀନ ପ୍ରବନ୍ଧନ କକ୍ଷ ଖୋଲାଯିବ । ପ୍ରବଳ ବର୍ଷାଜନୀତ ସଙ୍କଟ ପରିସ୍ଥିତିରେ ଯାତ୍ରୀମାନଙ୍କର ନିରାପତା ଓ ରେଳ ଚଳାଚଳ କ୍ଷେତ୍ରରେ ନିରାପତାକୁ କଡ଼ାକଡ଼ି କରିବା ପାଇଁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ରେଳପଥର ଅଧିକାରୀ ଓ କର୍ମଚରୀମାନଙ୍କୁ ଆଦେଶ ଦେଇ ରେଳ ପୋଲ ଓ ରେଳ ଧାରଣାର ନିରାପତା ପ୍ରତି ସତର୍କ ଦୃଷ୍ଟି ରଖି କାର୍ଯ୍ୟ କରିବାକୁ କହିଛନ୍ତି । ତଦନୁସାରେ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାର ପ୍ରାକ୍ ସାବଧାନତା ଅବଲମ୍ବନ କରାଯାଇଛି । ସେଥିପାଇଁ ପାଣି ଧରିରଖୁଥିବା ଓ ପାର୍ଶ୍ୱ ଡ୍ରେନମାନଙ୍କରୁ ପଟୁମାଟି, ଝାଡ଼ି ଏବଂ ଅନ୍ୟାନ୍ୟ ବାଧକଗୁଡ଼ିକୁ ସଫା କରାଯାଉଛି । ରେଳ ପୋଲମାନଙ୍କ ପାଖରୁ ମଧ୍ୟ ଝାଡ଼ି ପରିଷ୍କାର କରାଯିବା ସହ ପଟୁମାଟିକୁ କଢ଼ାଯାଉଅଛି ଯାହାଫଳରେ ପାଣି ଜମା ନରହି ସଠିକ୍ ଭାବେ ଅତିକ୍ରମ କରିପାରିବ । ୨୪ ଘଂଟା ଖୋଲା ରହୁଥିବା ପୂର୍ବତଟ ରେଳପଥ କଂଟ୍ରୋଲ୍ ଅଫିସ୍ କ୍ରମାଗତଭାବେ ପାଣିପାଗ ବିଭାଗ, ଆପାତ ପ୍ରବନ୍ଧକ କକ୍ଷ ଏବଂ ବନ୍ୟା ପ୍ରବଣ ଅଂଚଳରେ ନିଯୁକ୍ତ ଥିବା



କର୍ମଚାରୀମାନଙ୍କ ସହ ଲଗାତାର ସମ୍ପର୍କରେ ରହି ନିରନ୍ତର ଭାବେ ପରିସ୍ଥିତିର ଅନୁଧ୍ୟାନ କରୁଅଛି । ଏଥିପାଇଁ ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ସହ ସମନ୍ୱୟ ରକ୍ଷା କରାଯାଇଛି ଯାହାଫଳରେ ପାଣିକୁ ରେଳଧାରଣା କଡ଼ରୁ ହଟାଇ ଦିଆଯାଇପାରିବ । ଦରକାର ହେଲେ ରେଳଧାରଣାକୁ ସୁରକ୍ଷା ଦେବା ପାଇଁ ନଦୀ ଓ ଜଳ ଗଚ୍ଛିତ ଅଂଚଳରୁ ପାଣି କଢ଼ାଯିବାର ବ୍ୟବସ୍ଥା କରାଯିବ । ପୋଲମାନଙ୍କରେ ପିଲାରଗୁଡ଼ିକରେ ବିପଦ ସଙ୍କେତ ଚିହ୍ନକୁ ମଧ୍ୟ ନାଲି ଉଜ୍ଜଳ ସାଙ୍କେତିକ ବ୍ୟବସ୍ଥା କରାଯାଇଅଛି ଯାହା ଦ୍ୱାରା ରେଳବାଇ ପ୍ରହରା ଓ ନିରାପତା କର୍ମଚାରୀମାନେ ସଠିକ ଭାବେ ଦେଖିପାରିବେ । ରେଳଧାରଣା ଉପରେ ପାଣି ଜମା ହୋଇ ନ ରହିବା ପାଇଁ ବ୍ୟବସ୍ଥା କରାଯାଉଛି । ଷ୍ଟେସନର ଯାର୍ଡ଼, ଡ୍ରେନ ଗୁଡ଼ିକୁ ମଧ୍ୟ ସଫା କରାଯାଇଛି । ବର୍ଷା ସମୟରେ ରେଳଧାରଣା ପ୍ରତି ସତର୍କ ଦୃଷ୍ଟି ରଖିବାକୁ ପ୍ରହରା ବା ଜଗୁଆଳୀ ବ୍ୟବସ୍ଥା କରାଯାଇଛି । କୌଣସି ବିପଦ ନଜରକୁ ଆସିଲେ ସେମାନେ ଟ୍ରେନକୁ ଅଟକାଇ ଯାତ୍ରୀମାନଙ୍କର ଧନଜୀବନକୁ ସୁରକ୍ଷା ଦେଇପାରିବେ । ସମ୍ବେଦନଶୀଳ ଅଂଚଳରେ ପ୍ରହରୀ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ପଦକ୍ଷେପମାନ ନିଆଯାଇଅଛି । ପ୍ରବଳ ବର୍ଷା ସମୟରେ ରେଳ ସେକ୍ସନର ଗ୍ୟାଙ୍ଗମାନ ସେମାନଙ୍କର ସେକ୍ସନରେ ରେଳ ପୋଲ ଓ ରେଳ ଧାରଣାର ନିରାପତା ପ୍ରତି ସଜାଗ ରହିବା ପାଇଁ ନିର୍ଦେଶ ଦିଆଯାଇଛି ଯାହାଫଳରେ ରେଳ ଚଳାଚଳକୁ ସ୍ୱାଭାବିକ କରାଯିବା ସହ ଯାତ୍ରୀମାନଙ୍କର ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଇପାରିବ । ଏଥିପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ନିରାପତା ସାମଗ୍ରୀ ଯଥା ବାଲାଷ୍ଟପଥର, ବାଲିବସ୍ତା, ପାଉଁଶ ବସ୍ତା, ଖଣିମାନଙ୍କରେ ଅବ୍ୟବହୃତ ମାଟି ଇତ୍ୟାଦିକୁ ସମ୍ବେଦନଶୀଳ ସ୍ଥାନମାନଙ୍କରେ ପର୍ଯ୍ୟାପ୍ତ ମାତ୍ରାରେ ଗଛିତ ରଖାଯାଇଅଛି । ଇଞ୍ଜିନିୟରିଂ ରିଲିଫ୍ ଭ୍ୟାନ ସହ ନିରାପତା ସମଗ୍ରୀକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି । ଏହା ସହିତ ସିମେଂଟ କଂକ୍ରିଟ କ୍ରିବ ଏବଂ ପୋଲମାନଙ୍କରେ ବ୍ୟବହୃତ ଗାର୍ଡ଼ରକୁ ମଧ୍ୟ ପ୍ରସ୍ତୁତ କରି ରଖାଯାଇଛି ଯାହାଫଳରେ ଦରକାର ଆସିଲେ ଏଗୁଡ଼ିକୁ ସ୍ଥାନାନ୍ତର କରାଯାଇପାରିବ । ଏତଦ ବ୍ୟତୀତ ପୂର୍ବତଟ ରେଳପଥ ଭାରତୀୟ ପାଣିପାଗ ବିଭାଗ ସହ ମଧ୍ୟ ଲଗାତାର ସଂଯୋଗ ରକ୍ଷା କରିଆସୁଛି ଯାହାଫଳରେ ସଙ୍କେତ ମିଳିବା କ୍ଷଣି ଖେଳପଥ ଏହାର କର୍ମଚାରୀଙ୍କୁ ପରିସ୍ଥିତିକୁ ସାମ୍ନା କରିବା ପାଇଁ ପ୍ରୟୋଗ କରିପାରିବ ।

# ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘ ତରଫରୁ ୧୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧିନସ୍ଥ ଗୃହ ବିଭାଗ ସ୍ୱୀକୃତି ପ୍ରାପ୍ତ ସଂଘ, ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନୀରିକ୍ଷକ ସଂଘ ତରଫରୁ ସଭାପତି ଚନ୍ଦ୍ରମଣି ତାଜନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଅର୍ଥ ବିଭାଗ ସଚିବ ଶାଶ୍ୱତ ମିଶ୍ର, ବିଭାଗର କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ଅତିରିକ୍ତ ଶାସନ ସଚିବ ତଥା ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଯୁଗ୍ମ ନିର୍ଦ୍ଦେଶକ ଟୁକୁ ବାରିକ ତଥା ଉପନିର୍ଦ୍ଦେଶକ ମନୋଜ ନାୟକଙ୍କୁ ଭେଟି ପ୍ରାଥମିକ ଶିକ୍ଷକ ମାନଙ୍କର ଏଲିମେଂଟାରି କ୍ୟାଡର ନିୟମ ପ୍ରଚଳନ, ବିଭିନ୍ନ ବର୍ଗର ଶିକ୍ଷକ ଯଥା ମାଟ୍ରିକ୍ ସିଟି, +୨ ସିଟି, ବିଏ ସିଟି, ହିନ୍ଦୀ, ସଂସ୍କୃତ, କ୍ରୀଡା ଶିକ୍ଷକ, ଟିଜିଟି, ଶିକ୍ଷା ସହାୟକରୁ ନିୟମିତ ହୋଇଥିବା ବିଷୟ ଶିକ୍ଷକ, ମାଟ୍ରିକ ସିଟି ପଦବୀରେ ଥାଇ ବିଏଡ୍ ଯୋଗ୍ୟତା ଥିବା ଶିକ୍ଷକ, ଅର୍ଥ ବିଭାଗର ଏସ.ଓ.ପି. ଦ୍ୱାରା ଏଯାଏଁ କୌଣସି ଲାଭ ପାଇନଥିବା ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅନ୍ୟ ସମସ୍ତ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଦରମାଗତ ଅସଂଗତି ଦୂର କରିବା, ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଦ୍ୱିତୀୟ ଶ୍ରେଣୀ ପାହ୍ୟା ପ୍ରଦାନ, ଛାତ୍ରାବାସ ପରିଚାଳନା ଦାୟିତ୍ୱରୁ ଅବ୍ୟାହତି, ଅଧିକ ନିରୀକ୍ଷକ ପଦବୀ ସୃଷ୍ଟି କରି ବିଭାଗର କାର୍ଯ୍ୟଦକ୍ଷତା ବୃଦ୍ଧି କରିବା, ବଦଳି ନୀତିରେ ପରିବର୍ତନ କରି ଅନ୍‌ଲାଇନ୍ ପୋର୍ଟାଲ ପ୍ରଚଳନ କରିବା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ପଦୋନ୍ନତି ତଥା ସ୍ଥାୟୀ ଅଧକ୍ଷ ପଦବୀ ସୃଷ୍ଟି ତଥା ଅନ୍ୟାନ୍ୟ ୧୨ଦଫା ଦାବି ସମ୍ବଳିତ ସ୍ମାରକପତ୍ର ସମସ୍ତଙ୍କୁ ପ୍ରଦାନ କରିଥିଲେ । ଯଦି ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏମିତି ଅବହେଳିତ କରି ରଖାଯାଏ ତେବେ ଆଗାମୀ ଦିନରେ ସଂଘ ଆମରଣ ଅନଶନ କରିବାକୁ ପଛେଇବ ନାହିଁ ବୋଲି ଉପସଭାପତି ଦୈତାରୀ ଦିଗଲ, ଯୁଗ୍ମ ସମ୍ପାଦକ ଶ୍ରୀ ତ୍ରିଲୋଚନ ପଣ୍ଡା, ଜୋନାଲ୍ ସମ୍ପାଦକ ଅନିମା ମହାପାତ୍ର, ଉମା ପଣ୍ଡା ତଥା ଜିଲ୍ଲା ପ୍ରତିନିଧି ସୁଜିତ୍ ଶାନ୍ତିକାମି ପ୍ରକାଶ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କେଉଁ ବିଭାଗକୁ ...

ପାଇଁ ୯,୪୫୬ କୋଟି, ସଂସଦୀୟ ବ୍ୟାପାର ବିଭାଗକୁ ୮୫କୋଟି, ଶକ୍ତି ବିଭାଗକୁ ୩,୩୫୫ କୋଟି, ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗକୁ ୨୬୨ କୋଟି, ପର୍ଯ୍ୟଟନ ବିଭାଗକୁ ୮୧୮ କୋଟି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଉନ୍ନୟନ ବିଭାଗକୁ ୧,୮୯୬, ସମବାୟ ବିଭାଗ ପାଇଁ ୨,୧୧୬, ସାଧାରଣ ଉଦ୍ୟୋଗ ବିଭାଗ ପାଇଁ ୧୨ କୋଟି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ୧୫,୧୮୧ କୋଟି, ଇଲେକ୍ଟ୍ରୋନିକ୍ସ ଓ ସୂଚନା ଓ ପ୍ରଯୁକ୍ତିବିଦ୍ୟା ପାଇଁ ୫୦୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ସେହିପରି ଉଚ୍ଚଶିକ୍ଷା ବିଭାଗ ପାଇଁ ୩,୪୭୮ କୋଟି, ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା ବିଭାଗ ପାଇଁ ୧,୫୮୩ କୋଟି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ପାଇଁ ୭୪୭ କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ପାଇଁ ୭,୭୧ କୋଟି, ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୪,୦୨୩ କୋଟି, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପାଇଁ ୪୨୦ କୋଟି ଏବଂ ମିଶନ ଶକ୍ତି ବିଭାଗ ପାଇଁ ୨,୭୬୨ ଟଙ୍କାର ବ୍ୟୟବରାଦ କରାଯାଇଛି ।

## ୨୦୨୭ ସୁଦ୍ଧା ଚାଲିବ ...

ବିମାନ ବନ୍ଦରରୁ ତ୍ରିଶୁଳିଆ ପର୍ଯ୍ୟନ୍ତ ଏହା ଚଳାଚଳ କରିବ । ଏଥିପାଇଁ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ ଅଧୀନରେ ୬୨୫୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏହା ମଧ୍ୟରୁ ଚଳିତ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ୧ ହଜାର କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ୍ ଅଭିଭାଷଣରେ କହିଛନ୍ତି । ରାଜ୍ୟ ବଜେଟରେ ଭିତ୍ତିଭୂମି ବିକାଶ ଉପରେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରିବା ସହ ମୋଟ ୫୮ ହଜାର ୧୯୫ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ଆଗାମୀ ୫ ବର୍ଷରେ ରାଜ୍ୟରେ ୭୫ ହଜାର କିଲୋମିଟର ରାସ୍ତା ନିର୍ମାଣ କରାଯିବ । ରାଜ୍ୟର ଦୁର୍ଗମ ଓ ଅପହଞ୍ଚ ଅଞ୍ଚଳକୁ ସଡ଼କ ନିର୍ମାଣ କରାଯିବ ଓ ନଦୀ ଓ ଜଳାଶୟ ଉପରେ ସେତୁ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ସଡ଼କ ଓ ସେତୁ ନିର୍ମାଣ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୫୮୬୫ କୋଟିର ବ୍ୟୟବରାଦ କରାଯାଇଛି । ଗ୍ରାମୀଣ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗର ବ୍ୟୟବରାଦକୁ ୨୬ ପ୍ରତିଶତ ବୃଦ୍ଧି କରି ୯୪୫୬ କୋଟି ଟଙ୍କା କରାଯାଇଛି । ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୧୯୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## ସାଇବର ଠକ...

ବାପା- ମାଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି କରି ଠକାମିର ଶିକାର ଯୁବ ବ୍ୟବସାୟୀ। ରାଉରକେଲା ସାଇବର ଥାନାରେ ଲିଖିତ ଏତଲା ଦେଇଛନ୍ତି । ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ସାରନଗରୀ ରଙ୍ଗିଲା ଛକରେ ଯୁବବ୍ୟବସାୟୀଙ୍କ ଛୋଟ ଦୋକାନ ରହିଛି। ଦୈନିକ ରୋଜଗାର କରୁଥିବା ଅର୍ଥରେ ପରିବାର ପ୍ରତିପୋଷଣ କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀ ଯୁବବ୍ୟବସାୟୀଙ୍କୁ ଅଷ୍ଟ୍ରେଲିଆର ପ୍ରତିଷ୍ଠିତ ଅନଲାଇନ ଟ୍ରେଡିଂ କମ୍ପାନୀ ହାର୍ଭେ ନର୍ମନ୍‌ଜରିଆରେ ବ୍ୟବସାୟ କରିବାକୁ ଲୋଭ ଦେଖାଇଥିଲେ। ବ୍ୟବସାୟର ତରିକା ମଧ୍ୟ ବତାଇଥିଲେ। କେମିତି ମାସକୁ ମାସ ଲକ୍ଷ ଲକ୍ଷ ଟଙ୍କା ସହଜରେ ରୋଜଗାର କରାଯାଇପାରୁଛି ତା ମଧ୍ୟ ବାଟ ଦେଖାଇଥିଲେ। ଲୋଭରେ ବଶବର୍ତ୍ତୀ ହୋଇ ଯୁବବ୍ୟବସାୟୀ ଜଣକ ରାଜି ହୋଇଥିଲେ । ପ୍ରଥମେ ଟ୍ରେଡିଂ କମ୍ପାନୀ ୱେବ୍‌ସାଇଟ୍‌ରେ ନିଜର ଆକାଉଣ୍ଟ ଖୋଲିଥିଲେ। ଗତ ଜୁଲାଇ ପ୍ରଥମ ସପ୍ତାହରୁ ବ୍ୟବସାୟ ଆରମ୍ଭ କରିଥିଲେ। କମ୍ପାନୀ ନିଜ ତରଫରୁ ଅନଲାଇନରେ ଯୁବବ୍ୟବସାୟୀଙ୍କ ନାଁରେ ୧୫ ହଜାର ଟଙ୍କା ବୈଦ୍ୟୁତିକ ସାମଗ୍ରୀ କିଣିଥିଲେ, ଯାହାକୁ ଅନଲାଇନରେ ବିକିବା ପରେ ଯୁବବ୍ୟବସାୟୀଙ୍କର ଆକାଉଣ୍ଟକୁ ହଜାର ଟଙ୍କା ଲାଭ ଆସିଥିଲା। ପରେ ଯୁବବ୍ୟବସାୟୀ ଜଣକ କମ୍ପାନୀ ସାଇଟରେ ୧୫ ହଜାର ଟଙ୍କା ଲଗାଇଥିଲେ। ତାଙ୍କୁ ୫ ହଜାର ଟଙ୍କା ଲାଭ ମିଳିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ୩୦ ହଜାର ଲଗାଇଥିଲେ ୧୦ ହଜାର ଲାଭ ହୋଇଥିଲା। ତୃତୀୟ ପର୍ଯ୍ୟାୟରେ ୧ ଲକ୍ଷ ଟଙ୍କା ଲଗାଇଥିଲେ ୪୦ ହଜାର ଟଙ୍କା ଲାଭ ପାଇଥିଲେ। ଏମିତି ଭାବେ ପର୍ଯ୍ୟାୟକ୍ରମେ ୨୦ ଲକ୍ଷ ଟଙ୍କା ଲଗାଇଥିଲେ। ଏଥିରୁ ପାଇଥିବା ଲାଭ ୭ ଲକ୍ଷ ଓ ମୂଳଧନ ୨୦ ଏମିତି ମୋଟ ୨୭ ଲକ୍ଷ କମ୍ପାନୀ ଆକାଉଣ୍ଟରେ ଜମା ରହିଥିଲା। ଯାହାକୁ ଯୁବବ୍ୟବସାୟୀ ଉଠାଇବାକୁ ଚାହିଁଥିଲେ। କିନ୍ତୁ ଉଠାଇପାରିନଥିଲେ । କମ୍ପାନୀର କର୍ମଚାରୀ କହିଥିଲେ, ଏକକାଳୀନ ସବୁ ଟଙ୍କା ଉଠାଇଲେ ୫୦% କଟିଯିବ। ଦୈନିକ ୩ ଲକ୍ଷରୁ ଅଧିକ ଟଙ୍କା ଉଠାଇ ହେବ ନାହିଁ। ଜମାଥିବା ମୋଟ ୨୭ ଲକ୍ଷ ଟଙ୍କା ଉଠାଇବାକୁ ହେଲେ ୧୨ ଲକ୍ଷ ୫୦ ହଜାର ଟଙ୍କା ପୁଣି ଜମା କରିବାକୁ ପଡ଼ିବ ବୋଲି ଯୁବବ୍ୟବସାୟୀଙ୍କୁ କହିଥିଲେ। ଲୋଭର ବଶବର୍ତ୍ତୀ ହୋଇ ଯୁବବ୍ୟବସାୟୀ ଜଣକ ପୁଣି ୧୨ ଲକ୍ଷ ୫୦ ହଜାର ଏମିତି ମୋଟ ୩୨ ଲକ୍ଷ ୫୦ ହଜାର ଟଙ୍କା ଜମା କରିଥିଲେ। ପରବର୍ତ୍ତୀ ସମୟରେ କମ୍ପାନୀର ଅଧିକାରୀଙ୍କ ସହ ବାରମ୍ବାର କଥା ହୋଇଥିଲେ ହେଁ ସେ କୌଣସି କଥା ଶୁଣି ନଥିଲେ। ଶେଷରେ କୌଣସି ଉପାୟ ନପାଇଁ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ବିଜୁ ସ୍ୱାସ୍ଥ୍ୟ ...

ପାଇଁ ନିଷ୍ପତ୍ତି ନେଇଛନ୍ତି ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଅରୋଗ୍ୟ ଯୋଜନାରେ କେନ୍ଦ୍ର ସରକାର ୬୦ ପ୍ରତିଶତ ପାଣ୍ଠି ପ୍ରଦାନ କରିବେ, ଯାହା ଫଳରେ ରାଜ୍ୟ ରାଜକୋଷ ଉପରେ ବୋଝ କମିବ। ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ଲୋକମାନେ ଦେଶର ସମସ୍ତ ରାଜ୍ୟର ୨୭ ହଜାରରୁ ଅଧିକ ତାଲିକାଭୁକ୍ତ ସରକାରୀ ଓ ବେସରକାରୀ ଡାକ୍ତରଖାନାରେ କ୍ୟାସ୍‌ଲେସ୍ ଚିକିତ୍ସା ସୁବିଧା ପାଇପାରିବେ। ଏହା ବିଶେଷ କରି ଓଡ଼ିଶା ବାହାରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ପର୍ଯ୍ୟାପ୍ତ ଆଶ୍ୱାସ୍ତି ପ୍ରଦାନ କରିବ। ଏହି ବଜେଟରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ପାଇଁ ୫ ଶହ କୋଟି ଟଙ୍କା ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ପାଇଁ ୩ ହଜାର ୫୬ କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି ।

## ପୁଣି ଲଘୁଚାପ...

ରାଜ୍ୟରେ ପ୍ରବଳ ବର୍ଷା ହେବ। ଜୁନ ୧ରୁ ଜୁଲାଇ ୨୪ ସୁଦ୍ଧା ୯ଟି ଜିଲ୍ଲାରେ ମୋଟ ବର୍ଷା ପରିମାଣ ୩୦୦ମିମିରୁ କମ ରହିଛି। ନିଅଣ୍ଟିଆ ବର୍ଷା ଯୋଗୁ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ଧାନ ରୁଆ ଓ ବେଉଷା କରିବାରେ ସମସ୍ୟା ହୋଇଛି । ଆସନ୍ତା ୧୦ଦିନରେ ବର୍ଷା ବଢ଼ିବା ଯୋଗୁ ରୁଆ ଓ ବେଉଷଣ କାମ ଆଗେଇବ ବୋଲି ପାଣିପାଗ ବିଭାଗ କହିଛି। ସେପଟେ ସୋଆ ଜଳବାୟୁ ଓ ପରିବେଶ କେନ୍ଦ୍ର ପକ୍ଷରୁ ଭିନ୍ନ ଆକଳନ କରାଯାଇଛି । ଜୁଲାଇ ୨୭ ତାରିଖ ଯାଏ ରାଜ୍ୟରେ ଅଧିକ ବର୍ଷା ହେବ। ଓଡ଼ିଶା ଏବଂ ପଶ୍ଚିମବଙ୍ଗ ସୀମା ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ପ୍ରଭାବରେ ବର୍ଷା ଲାଗି ରହିବ। ୩୦ ଓ ୩୧ ତାରିଖ ବେଳକୁ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଉତ୍ତର ଓ ମଧ୍ୟ ଓଡ଼ିଶା ସମେତ ଅନେକ ସ୍ଥାନରେ ଭଲ ବର୍ଷା ହେବ। ୨୭ ତାରିଖ ଯାଏ ବର୍ଷା ଲାଗି ରହିବ । ୨୮ରୁ ୩୦ ତାରିଖ ଯାଏ ସାମାନ୍ୟ କମିବ । ୩୧ରୁ ପୁଣି ବର୍ଷା ବଢ଼ିବ। ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଶୁକ୍ରବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି ।

# ଗୃହରେ ପୋଲାଭରମ ତାତି କଂଗ୍ରେସର ବିଧାୟକଙ୍କ ହଙ୍ଗାମା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପୋଲାଭରମ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ଆନ୍ଧ୍ରକୁ ଟଙ୍କା ଦେବା ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ଦକ୍ଷିଣ ଓଡ଼ିଶାର ଅନେକ ଅଂଚଳ ଜଳମଗ୍ନ ହେବ ବୋଲି ସେ ଅଭିଯୋଗ କରିଥିଲେ। ଏହାପରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନପତି କହିଥିଲେ ଯେ, ପୋଲାଭରମକୁ ନେଇ ଗୃହ କମିଟି ଗଠନ କରାଯାଉ। ଗୃହ କମିଟି ଗଠନ ଦାବିରେ ଗୃହରେ କଂଗ୍ରେସ ସଦସ୍ୟ ହୋ ହାଲ୍ଲା କରିଥିଲେ । ପ୍ରତିବାଦ ସମୟରେ ବାଚସ୍ପତିଙ୍କ ମାଇକ ବିଧାୟକ ତାରା ବାହିନୀପତି ଟାଣି ଦେଇଥିଲେ। ଯାହା ପରେ ଗୃହକୁ ପ୍ରଥମେ ୧୫ ମିନିଟ୍ ଏବଂ ପରେ ୪ଟା ଯାଏ ବାଚସ୍ପତି ସୁରମା ପାଢ଼ୀ ମୁଲତବୀ ରଖିଥିଲେ।

# ବିରୋଧୀ ଦଳ ନେତାଙ୍କୁ 'ଗିରଫ କରାଯାଉ' ମନ୍ତବ୍ୟ ପ୍ରୋସିଡିଂରୁ ହଟାଇବାକୁ ବିଜେଡିର ଦାବି

**ଭୁବନେଶ୍ୱର , ନ୍ୟୁଜ ବ୍ୟୁରୋ**

ପୁଣି ବିଧାନସଭାରେ ଶାସକ-ବିରୋଧୀ ମୁହାଁମୁହିଁରୁ ହଟ୍ଟଗୋଳ ଦେଖାଦେଇଛି। ଶୂନ୍ୟକାଳରେ ବିଧାନସଭା ଓ ସଂସଦର ରୁଲ ଏବଂ ପ୍ରୋସିଡ୍ୟୋୟର ନେଇ ମୁହାଁମୁହିଁ ହୋଇଛନ୍ତି ବିଜେଡ଼ି ବିଧାୟକ ଅରୁଣ ସାହୁ ଏବଂ ସଂସଦୀୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ। ବିରୋଧୀଦଳ ନେତାଙ୍କୁ ଗିରଫ ଶବ୍ଦ ପ୍ରୋସିଡିଂରୁ ହଟାଇବା ଦାବି କରି ବିଜେଡି ବିଧାୟକ ମାନେ ହୋହାଲ୍ଲା କରିଛନ୍ତି। ଏହି ପ୍ରସଙ୍ଗରେ ପଏଂଟ ଅଫ୍ ଅର୍ଡର ମାଗିଛି ବିରୋଧୀ ବିଜେଡି । ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି ଗୃହରେ ଗୋଟେ ଅସଙ୍ଗତି ହୋଇଛି। ତାକୁ ଦୂର କରିବାର ଆବଶ୍ୟକତା ରହିଛି। ବିଧାନସଭା ଆଲୋଚନା ପ୍ରୋସିଡିଂ ଭିତରେ ରୁହେ। ଯଦି ଏଭଳି ଅସଙ୍ଗତି ପ୍ରୋସିଡିଂ ଭିତରେ ରହିବ ତେବେ ଆଗାମୀ ଭବିଷ୍ୟତ ପିଢ଼ି ପାଇଁ ଭୁଲ ଉଦାହରଣ ହୋଇ ରହିବ। ରାଜ୍ୟପାଳଙ୍କ ଅଭିଭାଷଣ ବେଳେ ହସ୍ତକ୍ଷେପ କରିଥିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ତେବେ ୨୩ ତାରିଖ ଦିନ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନା ବେଳେ ବିରୋଧୀ ଦଳ ନେତାଙ୍କ ଉପରେ କିଛି ମନ୍ତବ୍ୟ ରଖାଯାଇଛି। ଯାହା ପ୍ରୋସିଡିଂରେ ରହିଛି। ଜୁଲାଇ ୨୩ ତାରିଖ ଦିନ ବିରୋଧୀ ଦଳ ନେତାଙ୍କୁ 'ଗିରଫ କରାଯାଉ' ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଥିଲେ। ଏହି ବକ୍ତବ୍ୟକୁ ପ୍ରୋସିଡିଂରୁ ବାଦ ଦିଆଯାଉ ବୋଲି ଦାବି କରିଛନ୍ତି ଅରୁଣ ସାହୁ। ଏହାସହ ମନ୍ତ୍ରୀ ମୁକେଶ ମହାଲିଙ୍ଗ ଦୁଃଖ ପ୍ରକାଶ କରନ୍ତୁ ବୋଲି ଦାବି କରିଛନ୍ତି ଅରୁଣ। ନଚେତ ଯଦି ସାହସ ଅଛି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଗିରଫ କରନ୍ତୁ ବୋଲି କହିଛନ୍ତି ଅରୁଣ। ସେହିପରି ଅରୁଣଙ୍କୁ କାଉଂଟର କରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ମୁଁ କୌଣସି ଅସାମ୍ବିଧାନିକ ଶବ୍ଦ ବ୍ୟବହାର କରିନାହିଁ। ବିରୋଧୀ ଦଳ ନେତାଙ୍କ ସମ୍ମାନ ହାନି ହେଲା ଭଳି କିଛି କଥା କହିନାହିଁ। ମୋର କୌଣସି ମନ୍ଦ ଉଦ୍ଦେଶ୍ୟ ନଥିଲା। ଗୃହ ଏହାକୁ ବିଚାର କରୁ ବୋଲି କହିଥିଲି। ବିଜେଡ଼ି ସରକାର ଥିବା ବେଳେ ପୂର୍ବତନ ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ରଙ୍କୁ ପାଗଳ ଏବଂ ରାଂଚି ପଠାଇବା କଥା କହିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ବାଚସ୍ପତିଙ୍କୁ ଲିଖିତ ଭାବେ କହିଛନ୍ତି, ବିଧାନସଭାର ନିୟମାବଳୀରେ ରାଜ୍ୟପାଳ ଅଭିଭାଷଣ ଦେବା ବେଳେ ପଏଂଟ ଅଫ ଅର୍ଡର ମାଗିବାର ବ୍ୟବସ୍ଥା ନାହିଁ। ରାଜ୍ୟପାଳ କହିବା ବେଳେ ପଏଂଟ ଅଫ ଅର୍ଡର ଦିଆଯାଏ କି ବୋଲି ପ୍ରଶ୍ନ କରିଛନ୍ତି ମୁକେଶ ମହାଲିଙ୍ଗ।

# ସାମ୍ବାଦିକା ମଧୁମିତାଙ୍କ ମୃତ୍ୟୁ ମାମଲା: ସ୍ୱାମୀ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲାଇଭ ଭିଡିଓ ପରେ ସାମ୍ବାଦିକାଙ୍କ ମୃତ୍ୟୁ ମାମଲା। ସ୍ୱାମୀଙ୍କୁ ପୋଲିସ ଗିରଫ କରିଥିବା ବେଳେ ଦେଢଶୁର ଅଟକ ରହିଛନ୍ତି । ଏନେଇ ସୂଚନା ଦେଇଛନ୍ତି ଡିସିପି । ବିଭିନ୍ନ ଦିଗକୁ ନେଇ ପୋଲିସ ପଚରାଉଚରା ଆରମ୍ଭ କରିଛି । ବୁଧବାର ବାପୁଜୀନଗର ଟ୍ରେନ୍ ଲାଇନରୁ ଉଦ୍ଧାର ହୋଇଥିଲା ସାମ୍ବାଦିକାଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ । ମୃତ ସାମ୍ବାଦିକା ହେଲେ ମଧୁମିତା ପରିଡା । ସେ ଏକ ୱେବ ଚ୍ୟାନେଲରେ କାମ କରୁଥିଲେ। ବିବାହ ପରେ ବାପୁଜୀନଗରରେ ଭଡ଼ାରେ ରହୁଥିଲେ । ତେବେ ମୃତ୍ୟୁ ପୂର୍ବରୁ ଏକ ଭିଡିଓରେ ସେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ତାଙ୍କ ସ୍ୱାମୀଙ୍କର ପରକୀୟା ପ୍ରୀତି ଥିଲା ବୋଲି ଅଭିଯୋଗ କରିଛନ୍ତି ମଧୁମିତା । ସ୍ୱାମୀ ତାଙ୍କୁ ଧୋକା ଦେବା ସହ ଦୀର୍ଘଦିନ ହେଲା ନିର୍ଯାତନା ଦେଉଥିଲେ । ଶେଷରେ ସହିନପାରି ସେ ଜୀବନ ହାରିଥିବା ଅଭିଯୋଗ ହୋଇଛି । ଜୀବନ ହାରିବା ପୂର୍ବରୁ ତାଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ଭିଡିଓରେ କହିଛନ୍ତି ମଧୁମିତା । ଯାହାକି ଏବେ ଭାଇରାଲ ହେଉଛି । ଆତ୍ମହତ୍ୟା ପୂର୍ବରୁ ସେ ନିଜ ମା' ଓ ପରିବାରକୁ କ୍ଷମା ମାଗିଛନ୍ତି । ଭିଡିଓ କରିବା ପରେ ଟ୍ରେନ ଆଗକୁ ଡେଇଁ ସାମ୍ବାଦିକା ଜଣଙ୍କ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠାରେ ମଧୁମିତାଙ୍କ ଘର ହୋଇଥିବା ବେଳେ, ଗଞ୍ଜାମ ଜିଲ୍ଲା ତରଢ଼ାରେ ସେ ବିବାହ କରିଥିଲେ । ତେବେ ମଧୁମିତାଙ୍କୁ ବିବାହ ପୂର୍ବରୁ ତାଙ୍କ ସ୍ୱାମୀ ଅନ୍ୟ ଜଣେ ଯୁବତୀଙ୍କ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀକୁ ଛାଡପତ୍ର ଦେବା ପରେ ମଧୁମିତାଙ୍କୁ ଦ୍ୱିତୀୟ ବିବାହ କରିଥିଲେ ତାଙ୍କ ସ୍ୱାମୀ। କ୍ୟାପିଟାଲ ଥାନା ଓ ଜିଆରପି ଘଟଣାର ତଦନ୍ତ ଜାରି ରଖିଛନ୍ତି ।

# ବିଧାନସଭାରେ ବିଭ୍ରାନ୍ତିକର ତଥ୍ୟ ଦେବା ଉଚିତ୍ ନୁହେଁ : ବିଜେଡି




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଧାନସଭାରେ ବିଭ୍ରାନ୍ତିକରଣ ଉତ୍ତର ରଖୁଛନ୍ତି ରାଜ୍ୟ ସରକାର । ଜଳ ସଂପଦ ବିଭାଗ ସମ୍ପର୍କରେ ରଖାଯାଉଛି ଅସତ୍ୟ ଉତ୍ତର । ସଂସଦୀୟ ବ୍ୟାପାର ବିଭାଗ ମନ୍ତ୍ରୀ ଗୋଟିଏ ଓ ମୁଖ୍ୟମନ୍ତ୍ରୀ ଦେଉଛନ୍ତି ଆଉ ଗୋଟିଏ ଉତ୍ତର । ଏଭଳି ଅଭିଯୋଗ ଆଣି ତଥ୍ୟ ପ୍ରମାଣ ସହ ସରକାରଙ୍କୁ ସମାଲୋଚନା କରିଛି ବିଜେଡି । ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବେଳେ ଜଳସଂପଦ ବିଭାଗର ଏକ ଅତିରିକ୍ତ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଉତ୍ତର ରଖିଥିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ପୂର୍ବ ସରକାର ରାଜ୍ୟରେ ୩୫ ପ୍ରତିଶତ ଜମିକୁ ଜଳସେଚିତ କରିବାକୁ ପ୍ରତିଶୃତି ଦେଇଥିଲେ । ହେଲେ ଅଧା ମଧ୍ୟ କରିପାରିନାହାନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଉତ୍ତର ରଖିଥିଲେ । କିନ୍ତୁ ବିଜେଡି ବିଧାୟକ ଧ୍ରୁବ ସାହୁଙ୍କର ଏକ ଲିଖିତ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଅଲଗା ଉତ୍ତର ଦେଇଛନ୍ତି । ୨୦୨୪ ମାର୍ଚ୍ଚ ସୁଦ୍ଧା ସମୁଦାୟ ଚାଷପୋଯୋଗୀ ଜମି ୬୧ ଲକ୍ଷ ୮୦ ହଜାର ଜମିରୁ ୪୯.୯୩ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ଦେଇଛନ୍ତି । ଯାହା ମୋଟ ଚାଷ ଜମିର ୮୦.୭୯ ପ୍ରତିଶତ । ଏହିଭଳି ଭିନ୍ନ ଉତ୍ତରକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡି ବିଧାୟକ ଧ୍ରୁବ ସାହୁ । ସଂସଦୀୟ ବ୍ୟାପାର ବିଭାଗର ମନ୍ତ୍ରୀ ନା ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ଠିକ ତାହା ସ୍ପଷ୍ଟ କରିବାକୁ ସେ ଦାବି କରିଛନ୍ତି । ସେହିଭଳି ଅନ୍ୟଏକ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ବ୍ୟାପାର ବିଭାଗର ମନ୍ତ୍ରୀ କହିଥିଲେ, ଲୋୟର ସୁକତେଲ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇନାହିଁ । ତରବରିଆ ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିଥିଲେ ଏବଂ ଆଗାମୀ ଦୁଇ ତିନି ବର୍ଷ ପର୍ଯ୍ୟନ୍ତ ଚାଷୀ ଏହାର ସୁବିଧା ପାଇବେ ନାହିଁ । କିନ୍ତୁ ଧ୍ରୁବ ସାହୁଙ୍କ ଅଣତାରକା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ଦେଇଛନ୍ତି ଯେ, ରାଜ୍ୟରେ ନିର୍ମାଣାଧୀନ ୧୪ ଗୋଟି ବୃହତ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ମଧ୍ୟରୁ କେବଳ ଅଙ୍ଗ ଓ ଗଙ୍ଗାଧର ମେହେର ଜଳସେଚନ ପ୍ରକଳ୍ପର ଅତିରିକ୍ତ କାମ ବାକି ଅଛି । ଏଥିରୁ ସ୍ପଷ୍ଟଯେ ଲୋୟର ସୁକତେଲ ପ୍ରକଳ୍ପର କାମ ଶେଷ ହୋଇଛି। ଏଣୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଠିକ କହୁଛନ୍ତି ନା ତାଙ୍କ ବଦଳରେ ଉତ୍ତର ରଖୁଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ସତ କହୁଛନ୍ତି ତାହା ଗୃହରେ ସ୍ପଷ୍ଟ କରିବାକୁ ଧ୍ରୁବ ଦାବି କରିଛନ୍ତି ।

# ଆଇଆଇଏମସି, ଆଇଜୋଲରେ ଅପନା ରେଡିଓ ୯୦.୦ ଏଫ୍‌ଏମ୍ କୁ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ,**

କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ଦଶମ ଜାତୀୟ କମ୍ୟୁନିଟି ରେଡିଓ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିଛନ୍ତି। କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍ ମୁରୁଗାନ୍ ଏବଂ ମିଜୋରାମ ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲଦୁହୋମାଙ୍କ ଉପସ୍ଥିତିରେ ମନ୍ତ୍ରୀ ଭାରତର ୫୦୦ତମ କମ୍ୟୁନିଟି ରେଡିଓ ଷ୍ଟେସନକୁ ଉଦଘାଟନ କରିଛନ୍ତି। ଷ୍ଟେସନ 'ଅପନା ରେଡିଓ ୯୦.୦ ଏଫ୍ ଏମ୍' ହେଉଛି ଆଇଜୋଲସ୍ଥିତ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମାସ୍ କମ୍ୟୁନିକେସନ୍ ଦ୍ୱାରା ପରିଚାଳିତ ଏକ ଷ୍ଟେସନ୍ । ଭାରତର କମ୍ୟୁନିଟି ରେଡିଓ ଯାତ୍ରାରେ ଏହି ମାଇଲଖୁଣ୍ଟ ଘୋଷଣା କରି ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଏହି ପଦକ୍ଷେପ ଅପନା ରେଡିଓ ଷ୍ଟେସନର ପରିସୀମା ଅଞ୍ଚଳର ଲୋକଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିବ । ସେ ଆହୁରି ମଧ୍ୟ କହିଥିଲେ ଯେ ସରକାରଙ୍କ ଆକ୍ଟ ଇଷ୍ଟ ନୀତିରେ ମଧ୍ୟ ଏହି ଶୁଭାରମ୍ଭ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । କେନ୍ଦ୍ର ବଜେଟରେ ଉତ୍ତର-ପୂର୍ବାଞ୍ଚଳ ପାଇଁ ରେଳ ବଜେଟରେ ରେକର୍ଡ ଆବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ମିଜୋରାମ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହା ଦ୍ୱାରା ମିଜୋରାମରେ ଭଲ ରେଳ ସଂଯୋଗ ପାଇବା ପାଇଁ ଦୀର୍ଘଦିନର ସ୍ୱପ୍ନ ସାକାର ହେବ । ମୁଖ୍ୟମନ୍ତ୍ରୀ ଶ୍ରୀ ଲାଲଦୁହୋମା ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ ଯେ ଆଇଆଇଏମସି ଆଇଜୋଲରେ ଅପନା ରେଡିଓ ଷ୍ଟେସନ ରାଜ୍ୟ ପାଇଁ ଯୋଗାଯୋଗରେ ଏକ ନୂତନ ଅଧ୍ୟାୟ ଲେଖିବ । କୃଷି ର ଯଥେଷ୍ଟ ସମ୍ଭାବନା ହେତୁ ମିଜୋରାମ ମୁଖ୍ୟତଃ ଏକ କୃଷିଭିତ୍ତିକ ରାଜ୍ୟ ଅଟେ । କୃଷକ ସମୁଦାୟ ପାଇଁ ଏକ କମ୍ୟୁନିଟି ରେଡିଓ ଷ୍ଟେସନ ପ୍ରତିଷ୍ଠା କରିବା ଅତ୍ୟନ୍ତ ଲାଭଦାୟକ ହେବ, ଯାହା ସେମାନଙ୍କୁ ଦୈନନ୍ଦିନ ପାଣିପାଗ ସଂକ୍ରାନ୍ତରେ ଅପଡେଟ୍, ସରକାରୀ ଯୋଜନା ଏବଂ କୃଷି ସମ୍ବନ୍ଧୀୟ ସୂଚନା ପ୍ରଦାନ କରିବ। ଏହି ପ୍ରକଳ୍ପକୁ ବାସ୍ତବରେ ପରିଣତ କରିବା ରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ଅନ୍ୟ ସମସ୍ତ ଅଂଶୀଦାରଙ୍କ ଅତୁଟ ସମର୍ଥନ ଏବଂ ସମର୍ପଣ ପାଇଁ ସେ ପ୍ରଶଂସା କରିଥିଲେ। ସମାଜର ଗରିବ ଓ ଅବହେଳିତ ବର୍ଗଙ୍କ ପାଇଁ ଏହି କମ୍ୟୁନିଟି ରେଡିଓ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ, ଯେଉଁମାନେ ମୁଖ୍ୟସ୍ରୋତର ଗଣମାଧ୍ୟମର ସୁବିଧାରୁ ବଞ୍ଚିତ ।

**GOVERNMENT OF ODISHA, DEPARTMENTOF WATER RESOURCES** A-175
**Office of the Superintending Engineer, Mechanical Division, Rengali**
Email Address: eerengalimechanicaldivision@gmail.com
**e-Procurement Notice- Bid Identification No.- SEMDR-01/ 2024-25**

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : SEMDR - 01/ 2024-25
5. Estimated Cost : Rs. 7,80,832.00 (Excluding GST @18%)
6. Period of Completion : 01 (one) calendar month.
7. Date & time of availability of bid documents in the Portal : From dt.30.07.2024 (10.00 AM) to dt.08.08.2024(5.30 PM)
8. Last date/ time for receipt of bid in the Portal : dt.08.08.2024 (up to 5.30 PM)
9. Date and Place of opening of Bid : dt.09.08.2024 (11.30 AM onwards in the O/O the undersigned)
10. Name of the Officer inviting bid : Superintending Engineer, Mechanical Division, Rengali

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Superintending Engineer
Mechanical Division, Rengali
OIPR-32406/11/0001/2425

ଭୁବନେଶ୍ୱର
୨୬ ଜୁଲାଇ
ଶୁକ୍ରବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ପିଲାଙ୍କୁ ପାଠ ପଢ଼ାଇଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ, ୨୫।୭**
ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହାମହିମ ରାଷ୍ଟ୍ରପତି ଭାବେ ୨ ବର୍ଷ ପୂରଣ କରିବା ପରେ ପିଲାଙ୍କୁ ପାଠ ପଢ଼ାଇଛନ୍ତି। ସେ ଡକ୍ଟର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇଛନ୍ତି।ରାଷ୍ଟ୍ରପତି ପିଲାମାନଙ୍କୁ ଗ୍ଲୋବାଲ ଓ୍ୱାର୍ମିଂ ବିଷୟରେ ପଢ଼ାଇଛନ୍ତି। ସେ ପିଲାଙ୍କୁ କିଛି ପ୍ରଶ୍ନ ପଚାରିଥିଲେ। ଯେପରିକି ଆମର କେତୋଟି ଋତୁ। ସେଥିମଧ୍ୟରୁ ଆମେ କେଉଁ ଋତୁକୁ ଅନୁଭବ କରୁଛେ। ପିଲାମାନେ ମଧ୍ୟ ଖୁବ୍ ସୁନ୍ଦର ଭାବେ ଉତ୍ତର ରଖିଛନ୍ତି। ପିଲାମାନେ କହିଥିଲେ, ଆମେ ୩ଟି ଋତୁକୁ ଅନୁଭବ କରୁଛେ। ରାଷ୍ଟ୍ରପତି ପୁଣି ପଚାରିଥିଲେ କେଉଁ ଋତୁକୁ ସବୁଠୁ ଅଧିକ ଅନୁଭବ କରୁଛେ। ଜଣେ ଛାତ୍ରୀ ଉତ୍ତର ଦେଇଥିଲେ ଗ୍ରୀଷ୍ମ ଋତୁ। ରାଷ୍ଟ୍ରପତି କହିଥିଲେ ଏହାର କାରଣ ହେଉଛି ଗ୍ଲୋବାଲ ଓ୍ୱାର୍ମିଂ ବା ପରିବେଶ ପ୍ରଦୂଷଣ। ରାଷ୍ଟ୍ରପତି ବହୁତ ଖୁସି ଥିଲେ ପିଲାମାନଙ୍କ ସହ ମିଶି। ପିଲାମାନେ ମଧ୍ୟ ରାଷ୍ଟ୍ରପତିଙ୍କୁ ପାଖରେ ପାଇ ବହୁତ ଆନନ୍ଦିତ ହୋଇଥିଲେ।

# ଜିଏସ୍‌ଟି ସ୍ଲାବ୍‌ର ହୋଇପାରେ ସରଳୀକରଣ




**ଭୁବନେଶ୍ୱର, ୨୫।୭**
**ନ୍ୟୁଜ ବ୍ୟୁରୋ**
ଗୁଡ୍ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ (ଜିଏସ୍‌ଟି) ସ୍ଲାବ୍‌ରେ ସରକାର ବଡ଼ ପରିବର୍ତ୍ତନ ଆଣିବାକୁ ପ୍ରସ୍ତୁତ ହେଉଛନ୍ତି। ଆଗାମୀ ଦିନରେ ଜିଏସ୍‌ଟି ଟ୍ୟାକ୍ସ ସ୍ଲାବ୍ ୪ରୁ ୩କୁ ହ୍ରାସ କରାଯାଇପାରେ। ଜିଏସ୍‌ଟିରେ ଏକାଧିକ ହାର ବ୍ୟବସ୍ଥା କାରଣରୁ ବର୍ଗୀକରଣକୁ ନେଇ ଦେଖାଯାଉଥିବା ବିବାଦର ସମାଧାନ ପାଇଁ ସରକାର ଏହି ପଦକ୍ଷେପ ନେଇପାରିବେ। ଏକ ସାକ୍ଷାତ୍‌କାରରେ ସେଣ୍ଟ୍ରାଲ ଏକ୍ସାଇଜ ଏବଂ କଷ୍ଟମସ୍ ବୋର୍ଡ (ସିବିଆଇସି) ଅଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଉକ୍ତ ସାକ୍ଷାତ୍‌କାରରେ ସେ କହିଛନ୍ତି, ବିଭିନ୍ନ ପ୍ରକାର ଜିଏସ୍‌ଟି ହାର ହେତୁ ବର୍ଗୀକରଣ ବିବାଦ ଉପୁଜିଛି, ଯାହା ସଂଶୋଧନ ହେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେ କହିଛନ୍ତି, ବର୍ତ୍ତମାନ ଲାଗୁହେଉଥିବା ୪ଟି ଜିଏସ୍‌ଟି ହାର ୫%, ୧୨%, ୧୮% ଏବଂ ୨୮%କୁ ୩ ବର୍ଗରେ ବିଭକ୍ତ କରାଯାଇପାରେ। ଜିଏସ୍‌ଟି ସଂଗ୍ରହ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ଏବଂ ଆସନ୍ତା ମାସରେ ଏହି ଉନ୍ନତିମୂଳକ କାର୍ଯ୍ୟ ଶେଷ ହେବ ବୋଲି ସେ ନିଶ୍ଚିତ କରିଛନ୍ତି। ସୂଚନା ଥାଉକି, କେତେକ ଜରୁରୀ ଜିନିଷ ଉପରେ କୌଣସି ଜିଏସ୍‌ଟି ଥିବାବେଳେ ସୁନା ଉପରେ ୩ ପ୍ରତିଶତ ଜିଏସ୍‌ଟି ଲାଗୁ ହୋଇଥାଏ। ହାଇ ଆଣ୍ଡ ମୋଟର ଯାନ ଉପରେ ଜିଏସ୍‌ଟି ସେସ୍ ମଧ୍ୟ ଆଦାୟ କରାଯାଏ। ତେବେ ଅର୍ଥନୀତି ବିଶେଷଜ୍ଞମାନେ ବିଭିନ୍ନ ସମୟରେ ୫ ପ୍ରତିଶତ, ୧୨ରୁ ୧୮ ପ୍ରତିଶତ ଏବଂ ୨୮ପ୍ରତିଶତ ଟ୍ୟାକ୍ସ ହାରକୁ ନେଇ ଏକ ସ୍ଲାବ୍ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି। ଏହାପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣ ତାଙ୍କ ବଜେଟ ଭାଷଣରେ ଜିଏସ୍‌ଟିରେ ସମ୍ଭାବ୍ୟ ପରିବର୍ତ୍ତନ ସମ୍ପର୍କରେ ସୂଚନା ଦେଇଥିଲେ। ଜିଏସ୍‌ଟିର ଲାଭକୁ ସରଳ କରିବା ପାଇଁ ଭବିଷ୍ୟତରେ ଏହାକୁ କରାଯିବ ଏବଂ ଜିଏସ୍‌ଟି ହାର ଗଠନକୁ ଯୁକ୍ତିଯୁକ୍ତ କରାଯିବ ଓ ଅନ୍ୟାନ୍ୟ କ୍ଷେତ୍ରକୁ ମଧ୍ୟ ଏହାର ଆଭିମୁଖ୍ୟରେ ଅଣାଯିବ ବୋଲି ସେ କହିଛନ୍ତି। ସୂଚନା ଥାଉକି, ଲୋକସଭା ନିର୍ବାଚନ ପ୍ରଚାର ସମୟରେ ବିରୋଧୀମାନେ ବର୍ତ୍ତମାନର ଜିଏସ୍‌ଟି ବ୍ୟବସ୍ଥା ସମ୍ପର୍କରେ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହାର ନିର୍ବାଚନୀ ଇସ୍ତାହାରରେ ଜିଏସ୍‌ଟି ୨.୦କୁ ଆଣିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। ବର୍ତ୍ତମାନ ଜିଏସ୍‌ଟି ହାରକୁ ସରଳକରି ଟିକସ ଭାର ହ୍ରାସ କରିବାକୁ ମୋଦି ସରକାର ମଧ୍ୟ ଚାପରେ ଅଛନ୍ତି। ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ ଖାନ୍ନାଙ୍କ ଦ୍ୱାରା ଗଠିତ କମିଟି ଏ ପର୍ଯ୍ୟନ୍ତ ଜିଏସ୍‌ଟି ପରିଷଦକୁ ଏହାର ସୁପାରିସ ଦାଖଲ କରିନାହିଁ। ବ୍ରୋକରେଜ୍ ହାଉସ ଆମ୍ବିଟ କ୍ୟାପିଟାଲ ଏହାର ରିସର୍ଚ୍ଚ ନୋଟ୍‌ରେ କହିଛି, ଜିଏସ୍‌ଟି ହାରକୁ ଯୁକ୍ତିଯୁକ୍ତ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ। ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସି ଏହା ମଧ୍ୟ କହିଛି, ଯେଉଁ ଦ୍ରବ୍ୟ ଉପରେ ଜିଏସ୍‌ଟି ଛାଡ଼ ଦିଆଯାଉଛି ତାହା ସ୍ୱଳ୍ପ ଆୟ ବର୍ଗର ଲୋକଙ୍କ ଅପେକ୍ଷା ଧନୀ ଲୋକଙ୍କୁ ସୁହାଉଛି।

## ସୁପ୍ରିମକୋର୍ଟଙ୍କ ବଡ ରାୟ

# ଖଣିଜ ସମ୍ପଦ ଉପରେ ଟିକସ୍ ଆଦାୟ କରିପାରିବେ ରାଜ୍ୟ ସରକାର



**ନୂଆଦିଲ୍ଲୀ, ୨୫/୭**
ଖଣିଜ ସମ୍ପଦ ସମୃଦ୍ଧ ରାଜ୍ୟଗୁଡ଼ିକୁ ସର୍ବୋଚ୍ଚ କୋର୍ଟରୁ ମିଳିଲା ବଡ ଅଧିକାର। ରାଜ୍ୟରେ ଥିବା ପ୍ରାକୃତିକ ସମ୍ପଦ ଉପରେ ଟିକସ୍ ଆଦାୟ କରିବା ରାଜ୍ୟ ସରକାରଙ୍କ ଅଧିକାର କ୍ଷେତ୍ର । ଏହିକ୍ଷେତ୍ରରେ ରାଜ୍ୟ ସରକାରଙ୍କ କ୍ଷମତା ସଂସଦର ଖଣିଜ-ଖଣିଜ ସମ୍ପଦ ବିକାଶ ନିୟାମକ (ଏମ୍‌ଏମ୍‌ଡିଆର୍) ଅଧିନିୟମ ଦ୍ୱାରା ସୀମିତ ନୁହେଁ ବୋଲି ସର୍ବୋଚ୍ଚ କୋର୍ଟ କହିଛନ୍ତି । ରାଜ୍ୟର କ୍ଷମତା ପରିସରରୁ ଏହି ଅଧିକାରକୁ ସଂସଦ ବା କେନ୍ଦ୍ର ସରକାର ସୀମିତ କରିପାରିବେ ନାହିଁ । କୋର୍ଟ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ରୟାଲିଟି ବା ରାଜସ୍ୱ କୌଣସି ଟିକସ୍ ନୁହେଁ । ଉଭୟଙ୍କ ମଧ୍ୟରେ କିଛି ପ୍ରକୃତିଗତ ପାର୍ଥକ୍ୟ ରହିଛି । ସୁପ୍ରିମକୋର୍ଟର ନଅଜଣିଆ ବିଚାରପତିଙ୍କ ସାମ୍ବିଧାନିକ ଖଣ୍ଡପୀଠ ଗୁରୁବାର ଏହି ସମ୍ପର୍କିତ ମାମଲାର ଶୁଣାଣି କରି ରାଜ୍ୟମାନଙ୍କ ସପକ୍ଷରେ ଏହି ରାୟ ପ୍ରକାଶ କରିଛନ୍ତି । ଏପଟେ ପୂର୍ବରୁ ଓଡ଼ିଶାର ପୂର୍ବ ସରକାର କେନ୍ଦ୍ର ଆଗରେ ବହୁ ବାର କୋଇଲା ରୟାଲ୍ଟି ଦାବି କରିଆସୁଥିଲେ। ଗୁରୁବାର ଏହି ମାମଲାର ଶୁଣାଣି କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ୯ଜଣିଆ ଖଣ୍ଡପୀଠ । ରୟାଲଟି ସଂଗ୍ରହ କରିବା ଖଣି ଲିଜର ଚୁକ୍ତିଭିତ୍ତିକ ସର୍ତ୍ତରୁ ଆସିଥାଏ । ଖଣି ଓ ପ୍ରାକୃତିକ ସମ୍ପଦ ଗଚ୍ଛିତ ଥିବା ଲାଣ୍ଡରୁ ସରକାରଙ୍କୁ ଦିଆଯାଉଥିବା ଦେୟ କେବଳ 'ଟ୍ୟାକ୍ସ' ବୋଲି ବିବେଚନା କରାଯାଇପାରିବ ନାହିଁ । ୮-୧ ଅନୁପାତରେ ଏହି ରାୟରେ ପ୍ରକାଶ ପାଇଥିବା ବେଳେ ଜଷ୍ଟିସ ବି.ଭି ନାଗରତ୍ନା ଏକମାତ୍ର ନ୍ୟାୟାଧିଶ ଭାବେ ଭିନ୍ନ ମତ ପୋଷଣ କରିଥିଲେ । ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିରେ ଝାଡଖଣ୍ଡ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଆସାମ, ଛତିଶଗଡ, ମଧ୍ୟ ପ୍ରଦେଶ ଏବଂ ଉତ୍ତର-ପୂର୍ବର ଖଣିଜ ସମ୍ପଦ ରାଜ୍ୟ ଉପକୃତ ହେବେ । ପୂର୍ବରୁ ଏହି ବିବାଦ ସମ୍ପର୍କିତ ଏକାଧିକ ମାମଲା ସର୍ବୋଚ୍ଚ କୋର୍ଟରେ ବିଚାରାଧୀନ ଥିଲା । ପୂର୍ବ ଭାରତୀୟ ରାଜ୍ୟମାନଙ୍କରେ ଖଣିଜ ସମ୍ପଦର ପରିମାଣ ଅଧିକ ରହିଛି । ଏହି ରାଜ୍ୟମାନେ ପ୍ରାକୃତିକ ସମ୍ପଦ ଦୃଷ୍ଟିରୁ ବେଶ୍ ସମୃଦ୍ଧ। ଏମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ରାଜ୍ୟ। ଓଡ଼ିଶାରେ ବକ୍ସାଇଟ, ମାଙ୍ଗାନିଜ, କୋଇଲା ଓ ଲୁହାପଥର ପ୍ରଚୁର ପରିମାଣରେ ଗଚ୍ଛିତ ରହିଛି । ଗୁରୁବାର ସର୍ବୋଚ୍ଚକୋର୍ଟଙ୍କ ସାମ୍ବିଧାନିକ ଖଣ୍ଡପୀଠର ଐତିହାସିକ ରାୟରେ ଓଡ଼ିଶା ମଧ୍ୟ ବିଶେଷ ଭାବେ ଲାଭାନ୍ୱିତ ହେବ ।

# ସୌନ୍ଦର୍ଯ୍ୟକରଣ ପାଇଁ ଲକ୍ଷ୍ମୀ ବସ୍‌ର ରଙ୍ଗ-ନାମ ବଦଳିଲା : ମନ୍ତ୍ରୀ



**ଭୁବନେଶ୍ୱର, ୨୫।୭**
**ନ୍ୟୁଜ ବ୍ୟୁରୋ**
ବିଧାନସଭାରେ ଉଠିଲା ଲକ୍ଷ୍ମୀ ବସ୍ ପ୍ରସଙ୍ଗ । ଗୁରୁବାର ଲକ୍ଷ୍ମୀ ବସ୍‌କୁ ନେଇ ବିଧାନସଭାରେ ଘେରିଛନ୍ତି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । ଲକ୍ଷ୍ମୀ ବସ୍‌ର ରଙ୍ଗ ଓ ନାମ ପରିବର୍ତ୍ତନ କରିବାର କାରଣ କ'ଣ ? ଏହାଦ୍ୱାରା ସରକାର କି ପ୍ରକାର ଲାଭ ପାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ବିଧାୟକ । ଏନେଇ ଉତ୍ତର ରଖିଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ସେ କହିଛନ୍ତି, ରାଜ୍ୟରେ ପ୍ରଥମେ ମାଲକାନଗିରି ଜିଲ୍ଲାରେ ଏହି ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହୋଇଥିଲା । ଆଉ ପରେ ଏହା ଅନ୍ୟ ଜିଲ୍ଲାରେ ଆରମ୍ଭ ହୋଇଥିଲା । ତେବେ ରଙ୍ଗ ପରିବର୍ତ୍ତନକୁ ନେଇ ମନ୍ତ୍ରୀ କହିଛନ୍ତି, ଲକ୍ଷ୍ମୀ ବସ୍‌ରେ କୌଣସି ରଙ୍ଗ ଲାଗି ନ ଥିଲା, କେବଳ ଷ୍ଟିକରିଂ କରାଯାଇଥିଲା । ସାଧାରଣ ନିର୍ବାଚନ ସମୟରେ ଆଦର୍ଶ ଆଚରଣ ବିଧି ବଳବତ୍ତର ଥିବା ସମୟରେ ଲକ୍ଷ୍ମୀ ବସ୍‌ମାନଙ୍କରେ ଲାଗିଥିବା କିଛି ଷ୍ଟିକର ଏକ ରାଜନୈତିକ ଦଳର ଚିହ୍ନ ସହ ମେଳ ଖାଉଥିବାରୁ ସେଗୁଡ଼ିକୁ ହଟାଯାଇଥିଲା । ଏଥିସହ କିଛି ବସ୍ ଅସୁନ୍ଦର ଦେଖାଯାଉଥିବାରୁ, ଆଦର୍ଶ ଆଚରଣ ବିଧିର ଅବଧି ଶେଷ ହେବା ପରେ ସେଗୁଡ଼ିକର ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ପରିବହନ ନିଗମର ପୁରୁଣା ରଙ୍ଗକୁ ଉପଯୋଗ କରାଯାଇଥିଲା ବୋଲି ମନ୍ତ୍ରୀ ଉତ୍ତର ରଖି କହିଛନ୍ତି ।

# ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଭାବେ ଦାୟିତ୍ୱ ନେଲେ ଓଏଏସ୍ ଦେବ ପ୍ରସାଦ



**ଭୁବନେଶ୍ୱର, ୨୫।୭**
**ନ୍ୟୁଜ ବ୍ୟୁରୋ**
ବରିଷ୍ଠ ଓଏଏସ୍ ଅଫିସର ଦେବ ପ୍ରସାଦ ଦାଶଙ୍କ ଉପରୁ ନିଲମ୍ବନ ଉଠାଇଛନ୍ତି ରାଜ୍ୟ ସରକାର। ତେବେ ନିଲମ୍ବନ ଉଠାଇବା ପରେ ତାଙ୍କୁ ଏକ ବଡ଼ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ଯୁଗ୍ମ ସଚିବ ଭାବେ ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ଏବଂ ଜନ ଅଭିଯୋଗ ବିଭାଗ ଶ୍ରୀ ଦାଶଙ୍କୁ ସେବାରେ ପୁନଃ ସ୍ଥାପିତ କରିବାକୁ ଏକ ବିଜ୍ଞପ୍ତି ଜାରି କରିଛି। ଯେଉଁଥିରେ ସେ ଓଡ଼ିଶା ସରକାରୀ କର୍ମଚାରୀଙ୍କ ଆଚରଣ ନିୟମ ୧୯୫୯ ପାଳନ କରିବା ନେଇ ସର୍ତ୍ତ ରଖାଯାଇଛି। ସୂଚନାଯୋଗ୍ୟ, ୨୦୧୮ ମେ' ୨୮ରେ ଦେବ ପ୍ରସାଦଙ୍କୁ ସରକାର ନିଲମ୍ବନ କରିଥିଲେ। ଶ୍ରୀ ଦାଶ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗରେ ଯୁଗ୍ମ ସଚିବ ଭାବରେ କାର୍ଯ୍ୟ କରିଥିଲେ। ଯେତେବେଳେ ସେ ବିନା ବିଜ୍ଞପ୍ତିରେ ନିଲମ୍ବନର ସମ୍ମୁଖୀନ ହୋଇଥିଲେ। ରାଜ୍ୟ ଅମଲାତନ୍ତ୍ର ଏବଂ ଶାସନ ମଧ୍ୟରେ ଅସହିଷ୍ଣୁତା ତଥା ଅଣ-ଓଡ଼ିଆ ଅଧିକାରୀଙ୍କ ଅଯଥା ପ୍ରଭାବର ଶିକାର ହୋଇଥିବା ଶ୍ରୀ ଦାଶ ତାଙ୍କ ପ୍ରତିକ୍ରୀୟାରେ କହିଛନ୍ତି। ଏଥିସହିତ ସେ କହିଛନ୍ତି, ତାଙ୍କ ଦଣ୍ଡ ଭିତ୍ତିହୀନ ଏବଂ କିଛି ଅଧିକାରୀଙ୍କ ସାଇକୋଫାନ୍ସର ଫଳାଫଳ, ଅନ୍ୟମାନେ ଅନୁମାନ କରୁଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କର ଅଂଶଗ୍ରହଣ ତାଙ୍କୁ ନିଲମ୍ବିତ କରିଛି।

## ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଲେ ସରକାର

# ହଇଜା, ମ୍ୟାଲେରିଆ, ଡେଙ୍ଗୁ ସ୍ଥିତିକୁ ନିୟନ୍ତ୍ରଣରେ ରଖ

**ଭୁବନେଶ୍ୱର, ୨୫।୭ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ମୌସୁମୀ ବର୍ଷା ଜାରି ରହିଥିଲା ବେଳେ ହଇଜା, ମ୍ୟାଲେରିଆ, ଡେଙ୍ଗୁ ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାର ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ଦିନରେ ହଇଜାରେ ପ୍ରାୟ ୧୦ ବର୍ଷରୁ କମ୍ ଶିଶୁ ମୃତ୍ୟୁହାରରେ ପ୍ରାୟ ୧୦% ଯୋଗଦାନ କରିଥାନ୍ତି। ଯାହାକୁ ନେଇ ସରକାର ସତର୍କ ରହିଛନ୍ତି। ତେଣୁ ଏହାକୁ କିପରି ରୋକାଯାଇ ପାରିବ ଏବଂ ଔଷଧ ପ୍ରଦାନ କରିବା ସହ ପିଲାଙ୍କୁ ପର୍ଯ୍ୟାପ୍ତ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବାକୁ ଗୁରୁତ୍ୱ ଦିଆଯାଇଛି। ପ୍ରତିବର୍ଷ ମୌସୁମୀ ସମୟରେ ହଇଜାରେ ପଡ଼ି ଅନେକ ଶିଶୁ ମୃତ୍ୟୁ ବରଣ କରୁଥିବାରୁ ସରକାର ଏହି ପଦକ୍ଷେପ ନେଇଛନ୍ତି। ଶିଶୁ ମୃତ୍ୟୁ ହାରକୁ କମାଇବା ପାଇଁ ଇଣ୍ଟେନ୍ସିଫାଏଡ୍ ଡାଇରିଆ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସରକାରଙ୍କ ପକ୍ଷରୁ କରାଯାଏ। ଚଳିତ ବର୍ଷ ଏହି ଅଭିଯାନକୁ 'ଷ୍ଟପ୍ ଡାଇରିଆ' ଅଭିଯାନ ନାମରେ ନାମିତ କରାଯାଇଛି। ମୌସୁମୀ ସମୟରେ ରାଜ୍ୟରେ ଡାଇରିଆ ଏବଂ ମଶା, ମାଛି ଦ୍ୱାରା ବ୍ୟାପୁଥିବା ରୋଗ ଯଥା ମ୍ୟାଲେରିଆ, ହଇଜା, ଡେଙ୍ଗୁ, ଯକ୍ଷ୍ମା ଏବଂ କୁଷ୍ଠ ରୋଗର ଚିହ୍ନଟ ରୋଗୀଙ୍କ ଚିକିତ୍ସା ଏବଂ ଗର୍ଭବତୀ ମହିଳାମାନଙ୍କ ପାଇଁ ପରୀକ୍ଷା କରାଯାଇନଥିବା ମାମଲା ଏବଂ ଚିହ୍ନଟମାନଙ୍କୁ ଚିକିତ୍ସା ଯୋଗାଇବାକୁ ସରକାର ବିଭିନ୍ନ ପଦକ୍ଷେପ ନେଇଥାନ୍ତି। ଏହାରି ମଧ୍ୟରେ ଗାଁ, ବସ୍ତି ଏବଂ ବିଦ୍ୟାଳୟ ସ୍ତରରେ ଅଶନ, ଏଡବ୍ଲୁଡବ୍ଲୁ ଏବଂ ଏଏନଏମମାନଙ୍କ ଦ୍ୱାରା ଲୋକମାନଙ୍କୁ ବୁଝାଇବା, ବିଦ୍ୟାଳୟରେ ହାତ ଧୋଇବା କାର୍ଯ୍ୟକ୍ରମ କରିବା ଏବଂ ଶିକ୍ଷାଗତ ସଚେତନତା କାର୍ଯ୍ୟକ୍ରମ କରିବା ଏବଂ ପରିମଳ ଓ ସ୍ୱଚ୍ଛତା ପାଇଁ ସଚେତନତା ସୃଷ୍ଟି କାର୍ଯ୍ୟକଳାପ, ସବୁ ସ୍ତରରେ ହାତ ଧୋଇବା ଭଳି ଉପାଦାନଗୁଡ଼ିକ ଉପରେ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଚାଲିଛି। ଏଠାରେ ସମସ୍ତ ପରିବାରକୁ ପ୍ରୋଫାଇଲାକ୍ଟିକ୍ ଓଆରଏସ ପ୍ୟାକେଟ୍ ଏବଂ ଜିଙ୍କ ଟ୍ୟାବଲେଟ୍ ବଣ୍ଟନ (ଘର ପ୍ରତି ୨ ପ୍ୟାକେଟ୍ ଏବଂ ଘରର ପ୍ରତ୍ୟେକ ପାଞ୍ଚ ବର୍ଷରୁ କମ୍ ପିଲାଙ୍କ ପାଇଁ ୧ ପ୍ୟାକେଟ୍) ପ୍ରଦାନ କରାଯାଉଛି।

# ପୋଖରୀରେ ବୁଡ଼ି, ସାପ କାମୁଡ଼ାରେ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

**ଭୁବନେଶ୍ୱର ,୨୫/୦୭ ନ୍ୟୁଜ ବ୍ୟୁରୋ**
ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ ତହସିଲରେ ପୋଖରୀରେ ବୁଡ଼ି ୨ଜଣଙ୍କର ମୃତ୍ୟୁ ଏବଂ ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକରେ ସାପ କାମୁଡ଼ାରେ ୨ ଜଣ ଶିଶୁଙ୍କ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାର ପାଇଁ ରାଜ୍ୟ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ବିଧାନସଭାରେ ଶାସକ - ବିରୋଧୀ ମୁହାଁ ମୁହିଁ



**ଭୁବନେଶ୍ୱର , ୨୫/୭**
**ନ୍ୟୁଜ ବ୍ୟୁରୋ**
ଲୋୟର ସୁକତେଲ ପ୍ରକଳ୍ପକୁ ନେଇ ବିଧାନସଭାରେ ମୁହାଁ ମୁହିଁ ହୋଇଛନ୍ତି ଶାସକ - ବିରୋଧୀ । ଗୁରୁବାର ବିଧାନସଭାର ଚତୁର୍ଥ ଦିନରେ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ ଲୋୟର ସୁକତେଲ ପ୍ରକଳ୍ପ ସମ୍ପର୍କିତ ପ୍ରଶ୍ନ ପଚାରିଥିଲେ। ଅନ୍ୟପକ୍ଷରେ ନିରଞ୍ଜନଙ୍କ ପ୍ରଶ୍ନର ଉତ୍ତର ଦେଇ ପୂର୍ବ ବିଜେଡି ସରକାର ଉପରେ ବର୍ଷିଛନ୍ତି ଉପମୁଖ୍ୟମନ୍ତ୍ରୀ କେ.ଭି ସିଂ ଦେଓ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ । ଉପ ମୁଖ୍ୟମନ୍ତ୍ରୀ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି ଲୋୟର ସୁକତେଲ ପ୍ରକଳ୍ପକୁ ନିର୍ବାଚନ ପାଇଁ ତରବରିଆ ଉଦ୍‌ଘାଟନ କରାଯାଇଥିଲା। ଡିପିଆର ଅନୁଯାୟୀ ୨୦୨୬ ପୂର୍ବରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା କଥା ନୁହେଁ। ବର୍ତ୍ତମାନ ବିଧାୟକ ଯେଉଁ ଏହି ପ୍ରକଳ୍ପର ପାଣି ଲୋକଙ୍କ ପାଖରେ ପହଞ୍ଚିଥିବା କହୁଛନ୍ତି ତାହା ଠିକ୍ ନୁହେଁ ବୋଲି କହିଛନ୍ତି ଉଭୟ ମନ୍ତ୍ରୀ । ଏହି ପ୍ରକଳ୍ପରୁ ବର୍ତ୍ତମାନ ସୁଦ୍ଧା ଗୋଟେ ଇଞ୍ଚ ଜମିକୁ ବି ଜଳସେଚନ ହୋଇନି। କେବଳ ନଦୀରେ ପାଣି ଚାଲିଛି କିନ୍ତୁ କେନାଲରେ ନାହିଁ । ୮ ମିଟରରୁ ଅଧିକ ପାଣି ରଖିଲେ ବନ୍ଧ ଭାଙ୍ଗିଯିବ। ସେହିପରି ପୂର୍ବ ସରକାର ପ୍ରତ୍ୟେକ ବ୍ଲକ୍‌ରେ ୩୫ ପ୍ରତିଶତ ଜଳ ସେଚନ ନେଇ ପ୍ରତିଶ୍ରୁତି ଦେଇଥିଲେ ତାହା ପାଳନ କରିନାହାନ୍ତି । ଆଉ ଆମେ ବର୍ତ୍ତମାନ ଜଳ ସେଚନକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରୁଛୁ ବୋଲି କହିଛନ୍ତି ଉଭୟ ମନ୍ତ୍ରୀ।

## ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ

# ସପ୍ତଶଯ୍ୟାରେ ୮ଏକର ବିରାଟ ଫାର୍ମ ହାଉସ ଠାବ

**ବଲାଙ୍ଗୀର/ଢେଙ୍କାନାଳ, ୨୫/୭**
**ନ୍ୟୁଜ ବ୍ୟୁରୋ**
ଭିଜିଲାନ୍ସ ପଞ୍ଝାରେ ମୁଖ୍ୟଯନ୍ତ୍ରୀ । ଲୋୟର ଶୁକତେଲ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଏକକାଳୀନ ୯ଟି ସ୍ଥାନରେ ଓଡ଼ିଶା ଭିଜିଲାନ୍ସର ଚଢଉ ହୋଇଛି। ସେହିପରି ବଲାଙ୍ଗୀରରେ ଦୁଇ ସପ୍ତାହ ମଧ୍ୟରେ ଦୁଇ ଜଣ ବଡ଼ବଡ଼ିଆ ସରକାରୀ ଅଫିସର ଭିଜିଲାନ୍ସ ଜାଲରେ ପଡିଛନ୍ତି । ଗୁରୁବାର ପୁଣି ଜଣେ ସରକାରୀ ଅଧିକାରୀ ଆୟ ବହିର୍ଭୁତ ସମ୍ପତ୍ତିଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି । ଏଥର ବଲାଙ୍ଗୀରର ଲୋୟର ସୁକତେଲ ବୃହତ ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁନୀଲ କୁମାର ରାଉତ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି । ଏହି ଚଢ଼ଉରେ ଓଡ଼ିଶାର ଭୁବନେଶ୍ୱରରେ ତିନୋଟି ସ୍ଥାନ, ପୁରୀରେ ଦୁଇଟି ସ୍ଥାନ, କଟକରେ ଗୋଟିଏ ଘର, ଅନୁଗୋଳ ସ୍ଥିତ ତାଙ୍କ ପୁଅ ଘରେ ଏକକାଳୀନ ଚଢ଼ଉ କରିଛି ଭିଜିଲାନ୍ସ । ତେବେ ଏହି ଚଢ଼ଉରେ ଓଡ଼ିଶା ଭିଜିଲାନ୍ସର ଦୁଇ ଅତିରିକ୍ତ ଏସ୍‌ପି, ୮ ଜଣ ଡିଏସପି, ୬ ଜଣ ଇନ୍‌ସପେକ୍ଟର, ୧୦ ଜଣ ଏଏସଆଇ ସାମିଲ ଅଛନ୍ତି । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଙ୍କ ଆଦେଶ କ୍ରମେ ଏହି ଚଢ଼ଉ ଜାରି ରହିଛି । ତାଙ୍କ ସରକାରୀ ବାସ ଭବନରେ ମଧ୍ୟ ଭିଜିଲାନ୍ସ ବିଭାଗ ଚଢ଼ଉ ଜାରି ରଖିଛି । ସେହିପରି ଢେଙ୍କାନାଳରେ ତାଙ୍କର ରହିଥିବା ଏକ ଫାର୍ମ ହାଉସ ଠାବ ହୋଇଛି । ସପ୍ତଶଯ୍ୟାରେ ରହିଥିବା ଫାର୍ମା ହାଉସରେ ମଧ୍ୟ ଭିଜିଲାନ୍ସ ଚଢଉ କରିଛି । ଭିଜିଲାନ୍ସ ପକ୍ଷରୁ ଗୁରୁବାର ଦୁଇଟି ଟିମ୍ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ସପ୍ତଶଯ୍ୟା ପଡାରେ ୮ ଏକର ଫାର୍ମ ହାଉସକୁ ଠାବ କରିଛି ଭିଜିଲାନ୍ସ । ସେପଟେ ସଦର ଥାନା ଅନ୍ତର୍ଗତ ମାଣିପୁର ନିକଟସ୍ଥ ତାଙ୍କର ପୈତୃକ ଘରେ ଭିଜିଲାନ୍ସ ଟିମ୍‌ର ଚଢଉ କରାଯାଇଛି । ତେବେ ପୈତୃକ ଘରୁ ଭିଜିଲାନ୍ସକୁ ଏପରି କିଛି ସଫଳତା ପାଇ ନଥିଲେ ମଧ୍ୟ ସପ୍ତଶଯ୍ୟା ପଡା ରାଜସ୍ୱ ଗ୍ରାମ ଅଞ୍ଚଳରେ ରହିଥିବା ୮ ଏକର ଜାଗା ପରିମିତ ଫାର୍ମ ହାଉସ ଦେଖିଲେ ବେଆଇନ ସମ୍ପତ୍ତି ଠୁଳର ପରିମାଣରେ ଆଖି ଖୋସି ହୋଇଯାଉଛି। ଫାର୍ମ ହାଉସ ଭିତରେ ଗାଇ, କୁକୁଡ଼ା, ବତକ ଆଦିର ଫାର୍ମ ରହିଛି। ଏହା ବ୍ୟତୀତ ଫାର୍ମ ହାଉସରେ ପୋଖରୀ ଓ ଏକ ଅତ୍ୟାଧୁନିକ ଢାଞ୍ଚାରେ ଦୁଇ ମହଲା ବିଶିଷ୍ଟ ଏକ ବିଶାଳ ଘର ନିର୍ମାଣ ଚଳାଇଥିବା ଦେଖିବାକୁ ମିଳୁଛି । ଏହି ଫାର୍ମ ହାଉସଟି ସୁନିଲ ରାଉତଙ୍କ ପତ୍ନୀ ସର୍ମିଳା ଧଳଙ୍କ ନାମରେ ଥିବା ସୂଚନା ମିଳିଛି । କଟକ ଭିଜିଲାନ୍ସର ଦୁଇଟି ଟିମ୍ ଢେଙ୍କାନାଳର ଏହି ଚଢଉରେ ସାମିଲ ଥିବା ଜଣାପଡିଛି । ଘଞ୍ଚ ଜଙ୍ଗଲ ପାହାଡିଆ ସ୍ଥାନରେ ଏହି ଫାର୍ମ ହାଉସ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି । ଭିଜିଲାନ୍ସ ପକ୍ଷରୁ ଏହାର ତନାଘନା ଯାଞ୍ଚ ଓ ମାପଚୁପ ଜାରି ରହିଥିବାବେଳେ ଏହା କେତେ ଟଙ୍କାର ସମ୍ପତ୍ତି ପରେ ଜଣାପଡିବ ।

## ପ୍ରକାଶ ଅପେକ୍ଷାରେ...

## 'କଥାକଳିକା': ଅଗଷ୍ଟ ସଂଖ୍ୟା-୨୦୨୪




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ।
**ଅନ୍ୟ ଭାଷାର କଥା :** ଭୋଟର ସାବିତ୍ରୀ- ଅଶୋକ କୁମାର ସା
**ଯୁବ ମାନସର କଥା :** ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ'ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ୍ଟ-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ସପ୍ତାହକ ମଧ୍ୟରେ ଝାଡ଼ାବାନ୍ତିରେ ଗଲାଣି ୭ ଜୀବନ : ୫୦ ଆକ୍ରାନ୍ତ

**ବଲାଙ୍ଗିର, ୨୫/୭ ନ୍ୟୁଜ ବ୍ୟୁରୋ**
ବଲାଙ୍ଗିର ଜିଲ୍ଲାର ବିଭିନ୍ନ ଗାଁରେ ବ୍ୟାପୁଛି ଝାଡ଼ାବାନ୍ତି। ସପ୍ତାହକ ମଧ୍ୟରେ ଲଖପାଲି, ମୁଣ୍ଡୋଦରହ ଓ କୁରୁଲ ଗାଁରେ ଝାଡ଼ାବାନ୍ତିରେ ୭ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫୦ ଜଣ ଆକ୍ରାନ୍ତ ହୋଇଛନ୍ତି। ୧୦ ଜଣ ଆକ୍ରାନ୍ତଙ୍କୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟମାନଙ୍କୁ କୁରୁଲ ପଞ୍ଚାୟତ ଅଫିସରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ଖୋଲା ଯାଇ ମେଡିକାଲ ଟିମ୍ ଚିକିତ୍ସା କରୁଛନ୍ତି। ଝାଡ଼ାବାନ୍ତିରେ ଲଖପାଲି ଗାଁରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମୁଣ୍ଡୋଦରହ ଗାଁର ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ପୁଇଁତଲା ଗାଁରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ଗାଁକୁ ମେଡିକାଲ ଟିମ୍ ଯାଇ ଅନ୍ୟମାନଙ୍କର ଚିକିତ୍ସା କରୁଛନ୍ତି। ଝାଡ଼ାବାନ୍ତି ବ୍ୟାପିବାର କାରଣ ଜଣାପଡ଼ି ନଥିବା ବେଳେ ନଳକୂପ ପାଣି ପିଇବା ଯୋଗୁ ଝାଡ଼ାବାନ୍ତି ବ୍ୟାପୁଥିବା ସନ୍ଦେହ କରାଯାଉଛି। ସ୍ୱାସ୍ଥ୍ୟବିଭାଗ ପାଣି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି। ଏହାଛଡା ଝାଡାବାନ୍ତି ବ୍ୟାପିଥିବା ଗ୍ରାମରେ ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ଟିମ୍ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ଏହା ଯେପରି ଅଧିକ ନବ୍ୟାପେ ସେଥିପାଇଁ ପ୍ରତିଶେଧକ ପଦକ୍ଷେପ ଗ୍ରହଣ କରୁଛନ୍ତି।

# ଏସ୍‌ସିବିର ବିକାଶ ପାଇଁ ବଜେଟ୍‌ରେ ହଜାରେ କୋଟି




**ଭୁବନେଶ୍ୱର, ୨୫।୭ ନ୍ୟୁଜ ବ୍ୟୁରୋ**
୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଗୁରୁବାର ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପିତ ହୋଇଛି। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝି ବିଧାନସଭାରେ ବଜେଟ ଉପସ୍ଥାପନ କରିଛନ୍ତି। ରାଜ୍ୟରେ କୃଷି, ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦିଆଯାଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ପାଇଁ ବଜେଟରେ ୨୪୬୨ କୋଟି ବ୍ୟୟବରାଦ କରାଯାଇଛି। ଏପରିକି କଟକ ଏସ୍‌ସିବି ମେଡିକାଲ କଲେଜର ପୁନଃ ବିକାଶ କାର୍ଯ୍ୟ ପାଇଁ ୧ ହଜାର କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଏପରି କି ଚଳିତ ବର୍ଷ ଯାଜପୁର ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯିବା ନେଇ ବଜେଟରେ ଯୋଜନା କରାଯାଇଛି।